ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.183 Bhubaneswar Saturday, September 04, 2021 | ୨୪ତମ ବର୍ଷ ସଂଖ୍ୟା–୧୮୩ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୦୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ନୂଆଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରୁଛନ୍ତି

# ଗୋଟିଏ ଦିନରେ ୮୪୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୪୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୦୦୭୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୪୬୩୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୩୪୫ ରହିଛି । ଆଜି ଚିହ୍ନଟ ହୋଇଥିବା ୮୪୯ ଜଣଙ୍କ ମଧ୍ୟରୁ ୪୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୪୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୧ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୧୭, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨ ଜଣ, ଯାଜପୁରରୁ ୩୨ ଜଣ, ଝାରସୁଗୁଡ଼ାରୁ ୪ ଜଣ, କଳାହାଣ୍ଡିରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୧ ଜଣ. କେନ୍ଦ୍ରାପଡ଼ାରୁ ୯ ଜଣ, କେନ୍ଦୁଝରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୪୧ ଜଣ, କୋରାପୁଟରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୧ ଜଣ, ନବରଙ୍ଗପୁରରୁ ୪, ନୟାଗଡ଼ରୁ ୭ ଜଣ, ନୂଆପଡ଼ାରୁ ୭ , ପୁରୀରୁ ୩୧ ଜଣ, ରାୟଗଡ଼ାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୧୮ ଜଣ ଓ ଷ୍ଟେଟ୍ ପୁଲରୁ ୭୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୪ ବର୍ଷରେ ୧୬୨୧ ଜୀବନ ନେଇଛି ବଜ୍ରାଘାତ

ଭୁବନେଶ୍ୱର, ୦୩।୯(ପି.ଏନ): ବଜ୍ରାଘାତରେ ରାଜ୍ୟରେ ଗତ ୪ ବର୍ଷ ଭିତରେ ମୋଟ ୧୬୨୧ ଜଣଙ୍କର ପ୍ରାଣହାନି ଘଟିଛି । ୨୦୨୧ରେ ଏବେ ସୁଦ୍ଧା ୧୭୮ ଜଣଙ୍କ ମୃତ୍ୟୁ ଘଟିଛି । ଠିକ୍ ସେହିପରି ୨୦୨୦ରେ ୨୭୪ ଓ ୨୦୧୯ରେ ୩୫୭ ଜଣଙ୍କ ମୃତ୍ୟୁ ହୋଇଛି । ବଜ୍ରାଘାତରେ ମୃତକଙ୍କ ପରିବାର ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ରାଶି ଦିଆଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି ।

## ଗୃହ ଚଳାଇବାକୁ ସରକାରୀ ଦଳର ଇଚ୍ଛା ନାହିଁ :ନରସିଂହ ମିଶ୍ର

ଭୁବନେଶ୍ୱର, ୦୩।୯(ପି.ଏନ): ଷ୍ଟାଫ ସିଲେକ୍ସନ କମିଶନରେ ଦୁର୍ନୀତି ପ୍ରସଙ୍ଗ ଉଠାଇବା ମାତ୍ରେ ଗୃହକୁ ସ୍ଥଗିତ କରି ଦିଆ ଯିବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ସେ କହିଛନ୍ତି ଯେ ଗୃହ ଚଳାଇବାକୁ ସରକାରୀ ଦଳର ଇଚ୍ଛା ନାହିଁ । ବାଚସ୍ପତି ନିରପେକ୍ଷତା ଅବଲମ୍ବନ ନ କରିବା ଗଣତନ୍ତ୍ର ପାଇଁ ବିପଦ । ସେ କହିଛନ୍ତି ଯେ ଗତ କାଲି ଷ୍ଟାଫ ସିଲେକ୍ସନ ଦୁର୍ନୀତି ନେଇ ମୁଲତବୀ ପ୍ରସ୍ତାବ ଦିଆ ଯାଇଥିଲା । ସେଥିରେ ସହମତି ପ୍ରକାଶ କରିଥିଲୁ । କଲି ଗୃହରେ ହଟ୍ଟଗୋଳ ପାଇଁ ଆଲୋଚନା ହୋଇପାରିଲା ନାହିଁ । ନିୟମ ଅନୁସାରେ ଆଜି ଆଲୋଚନା ହେବା କଥା କିନ୍ତୁ କିନ୍ତୁ ବିଜେପି ଆଜି ମୁଲତବୀ ପ୍ରସ୍ତାବ ବଦଳେଇ ଦେଇଛି । ଯେଉଁଥିରେ ଆମର ସହମତି ନେଇ ନାହାନ୍ତି । ଯେଉଁଥିପାଇ ପ୍ରଶ୍ନ କାଳ ଆରମ୍ଭରୁ ଆମେ ଦାବି କରିଥିଲୁ ଷ୍ଟାଫ ସିଲେକ୍ସ ନ ଦୁର୍ନୀତି ନେଇ ଆରମ୍ଭରୁ ଆଲୋକଚନା କରାଯାଉ । କିନ୍ତୁ ବାଚସ୍ପତି କିଛି ନଶୁଣି ଗୋଟିଏ ମିନଟ ରେ ଗୃହକୁ ମୁଲତବୀ କରିଦେଲେ । ଆଚନକ ଗୃହକୁ ମୁଲତବୀ କରିବା ଦୁର୍ଭାଗ୍ୟ ଜନକ । ଏହାକୁ ମୁଁ ବିରୋଧ କରୁଛି । ବାଚସ୍ପତିଙ୍କ କର୍ତ୍ତବ୍ୟ ସମସ୍ତଙ୍କୁ ଡାକି ଆଲୋଚନା କରିବା ଏକଥା । ସମସ୍ୟା ସମସ୍ୟା ସମାଧାନ କରିବା କଥା । ଯଦି ସମାଧାନ ନ ହୁଏ ଗୃହକୁ ବନ୍ଦ କରିବେ । ଆଲୋଚନା କରିବାକୁ ସରକାରୀ ଦଳର ଇଚ୍ଛା ନାହିଁ । କିନ୍ତୁ ବାଚସ୍ପତି ଗୋଟିଏ ମିନିଟରେ ଗୃହକୁ ବନ୍ଦ କରିଦେଉଛନ୍ତି । ବାଚସ୍ପତି ସରକାରୀ ଦଳରେ ବନ୍ଧା । ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି । ଏହା ଗଣତନ୍ତ୍ର ପାଇଁ ବିପଦ ବୋଲି ସେ କହିଛନ୍ତି ।

## ପାର୍କିଂକୁ ନେଇ ରାଜଧାନୀରେ ଫୁଟିଲା ଗୁଳି

ଭୁବନେଶ୍ୱର, ୦୩।୯(ପି.ଏନ): ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାରେ ଗୁଳି ଫୁଟିଛି । ତେବେ ଏଥିରେ କେହି ହତାହତ ହୋଇନାହାନ୍ତି । ସୂଚନା ଅନୁଯାୟୀ,ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ଜାଗମରାରେ ଗାଡ଼ି ପାର୍କିଂକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହା ପରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ଉପରେ ଆକ୍ରମଣ କରିଥିଲା । ଏହି ସମୟରେ ଅନ୍ୟ ଗୋଷ୍ଠୀ ପକ୍ଷରୁ ଗୁଳି କରାଯାଇଥିଲା । ସେମାନେ ୩ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିଥିଲେ । ଏହି ଘଟଣା ପରେ ଉକ୍ତ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ପୋଲିସ୍ ପହଂଚି ତଦନ୍ତ ଆରମ୍ଭ କରିଛି ।

## କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁ ଚାଲି ପାରିଲାନି ବିଧାନସଭାର ପ୍ରଥମାର୍ଦ୍ଧ ବୈଠକ

ଭୁବନେଶ୍ୱର, ୦୩।୯(ପି.ଏନ): ବିଧାନସଭା ମୌସୁମୀ ଅଧିବେଶନର ତୃତୀୟ ଦିନରେ ମଧ ଆଜି ଆରମ୍ଭରୁ କଂଗ୍ରେସ ହଟ୍ଟଗୋଳ କରିଥିଲେ । ହଟ୍ଟଗୋଳକୁ ଏଡାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଶୂନ୍ୟକାଳ ଓ ମୁଲତବୀ ନୋଟିସ ଉପରେ ଆଲୋଚନା ହୋଇପାରି ନାହିଁ ।ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କହିଥିଲେ । ମାତ୍ର କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇ ଷ୍ଟାଫ ସିଲେକ୍ସନ କମିଟିରେ ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ । ଏହା ଅତ୍ୟନ୍ତ ଗୁରତର ବିଷୟ ଓ ଏଥିରେ ତୃତୀୟ ମହଲାର ସଂପୃକ୍ତିକୁ ଏଡାଇ ଦିଆ ଯାଇ ନ ପାରେ । ଏହା ପରେ ବାଚସ୍ପତି ଶ୍ରୀ ପାତ୍ର ଗୃହକୁ ଚାରିଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ସର୍ବଦଳୀୟ ବୈଠକ ପରେ ଗୃହ ହେଲା ସ୍ୱାଭବିକ

ଭୁବନେଶ୍ୱର, ୦୩।୯(ପି.ଏନ): ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସରକାରୀ କାଗଜ ଉପସ୍ଥାପନା ପାଇଁ ଡାକିଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇ କିଛି କହିବାର ଦେଖା ଯାଇଥିଲା । ବାଚସ୍ପତି ଶ୍ରୀ ପାତ୍ର ତାଙ୍କୁ କହିଲେ ଯେ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ଯାଉଛନ୍ତି । ଏହା ପୂର୍ବରୁ କିଛି କାଗଜ ଉପସ୍ଥାପନା କରିବାର ଅଛି । କାଗଜ ଉପସ୍ଥାପନା କରା ଯିବା ପରେ ତାଙ୍କ ପ୍ରକୋଷ୍ଠରେ ବୈଠକ ଅନୁଷ୍ଠିତ ହେବ । ନରସିଂହ ମିଶ୍ର ଏହାର ପ୍ରତିବାଦ କରି କହିଲେ ଯେ ତାଙ୍କ କଥା ନ ଶୁଣି ସରକାରୀ କାର୍ଯ୍ୟକ୍ରମ କରା ନ ଯାଉ ବୋଲି ସେ ବିରୋଧରେ ଠିଆ ହୋଇଛନ୍ତି । ତେଣୁ ପ୍ରଥମେ ସର୍ବଦଳୀୟ ବୈଠକ ଡକା ଯାଉ । ତା ପରେ କାଗଜ ଉପସ୍ଥାପନ ହେଉ । ବାଚସ୍ପତି କହିଥିଲେ ଯେ ଅଳ୍ପ କାଗଜ ଅଛି । ଉପସ୍ଥାପନା କରା ଯିବା ପରେ ବୈଠକରେ ଆଲୋଚନା କରିବା । ନରସିଂହ ମିଶ୍ର ଆପତି ବ୍ୟକ୍ତ କରି କହିଲେ ଯେ ଯଦି ତାଙ୍କ କଥା ନ ଶୁଣା ଯିବ ତେବେ ସେ ତାଙ୍କ ଆସନରେ ଠିଆ ହୋଇ ଏହାର ପ୍ରତିବାଦ କରିବେ । ଏହା ପରେ ଶ୍ରୀ ମିଶ୍ର ତାଙ୍କ ଆସନରେ ଠିଆ ହୋଇ ରହିଲେ ଓ କଂଗ୍ରେସ ଦଳର ବିଧାୟକ ମାନେ ଗୃହର ମଧ୍ୟଭାଗରେ ଆସି ନାରାବାଜୀ କରିଥିଲେ । ଅପର ପକ୍ଷରେ କାଗଜ ଉପସ୍ଥାପନ କାର୍ଯ୍ୟ ଜାରୀ ରହିଥିଲା । ୪.୧୨ରେ ବାଚସ୍ପତି ଗୃହକୁ ମୁଲତବୀ କରି ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକ କାରଣରୁ ଗୃହ ତିନି ଥର ମୁଲତବୀ ହୋଇଥିଲା । ଏହା ପରେ ଗୃହ କାର୍ଯ୍ୟ ସ୍ୱାଭବିକ ହୋଇଥିଲା ।

## ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୩।୯(ପି.ଏନ): ଆସନ୍ତା ୬ ତାରିଖ ସୁଦ୍ଧା ଉତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ବିଶେଷ କରି ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବାନେଇ ପାଣିପାଗ ବିଭାଗ ଆକଳନ କରିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ଅପରାହ୍ନରେ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି ଯେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୧ଟି ଜିଲ୍ଲାରେ ବର୍ଷା ପବନ ଓ ବଜ୍ରପାତ ସହ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେବ ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର. କନ୍ଧମାଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ସ୍ଥାନରେ ବର୍ଷା ପବନ ସହ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି । ସେହିପରି ୪ରୁ ୫ ତାରିଖ ମଧ୍ୟରେ କୋରାପୁଟ, ନବରଙ୍ଗପୁର , କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ରାଜ୍ୟର ମୟୁରଭଂଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ଗଜପତି ରାୟଗଡା, ଗଂଜାମ , ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ରାଜଧାନୀରେ ୨୪ ଘଂଟାରେ ୨୪୩ ପଜିଟିଭ୍

ଭୁବନେଶ୍ୱର, ୦୩।୯(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଦିନ ଆଉ ୨୪୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୪୭ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୯୬ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୫୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ରସୁଲଗଡରୁ ସର୍ବାଧିକ ୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେପଟିଆରୁ ୧୦ ଜଣ, ନୟାପଲ୍ଲୀ , ଓଲ୍ଡ ଟାଉନ୍ ଓ ସହୀଦ ନଗରରୁ ୯ ଜଣ ଲେଖାଏଁ, ଶୈଳଶ୍ରୀବିହାର ଓ ପୋଖରୀପୁଟରୁ ୮ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର ଓ ଲକ୍ଷ୍ମୀସାଗରରୁ ୭ ଜଣ ଲେଖାଏଁ, ଭିଏସଏସ୍ ନଗର , ସାମନ୍ତରାପୁର, ପାତ୍ରପଡା .ଝାରପଡା ଓ ବଡଗଡରୁ ୫ ଜଣ ଲେଖାଏଁ , ଆଚାର୍ଯ୍ୟବିହାର, ଜୟଦୁର୍ଗାନଗର , ଡୁମଡୁମା , ଡମଣା ଓ ଖଣ୍ଡଗିରିରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୭୫୮୦ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୩୪୮୯ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୩୦୬୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୦୨ କୁ ବୃଦ୍ଧି ପାଇଛି ।

## ଆଉ ୩ ଟି ରୁଟ୍ ରେ ଚାଲିବ ମୋ ବସ୍

ଭୁବନେଶ୍ୱର, ୦୩।୯(ପି.ଏନ): ଆଉ ୩ଟି ନୂଆ ରୁଟ୍ ଦେଇ ମୋ ବସ୍ ଚଳାଚଳ କରିବ । ବରମୁଣ୍ଡାରୁ ରସୁଲଗଡ଼ ଦେଇ କୋଣାର୍କ ପର୍ଯ୍ୟନ୍ତ ୭୧ ନମ୍ବର ରୁଟ୍ , ମାଷ୍ଟକ‌୍ୟାଂଟିନ୍ ଠାରୁ ଜୟଦେବ ପୀଠ ପର୍ଯ୍ୟନ୍ତ ରୁଟ୍ ନମ୍ବର ୩୫ ଏବଂ ଆଚାର୍ଯ୍ୟ ବିହାରରୁ ନୀଳାଦ୍ରି ବିହାର ରୋଡ୍ ଦେଇ ପଟିଆ ପର୍ଯ୍ୟନ୍ତ ବିଭିନ୍ନ ପ୍ରମୁଖ ଡାକ୍ତରଖାନାକୁ ରୁଟ୍ ନମ୍ବର ୯ ରେ ମୋ ବସ୍ ସେବା ଉପଲବ୍ଧ ହେବ । କ୍ୟାପିଟାଲ ରିଜିଅନ ଅର୍ବନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି । ବର୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଓ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏହି ନିଷ୍ପତି ନିଆଯାଇଥିବା କ୍ରୁଟ୍ କର୍ତୃପକ୍ଷ କହିଛନ୍ତି । ପ୍ରତି ୩୦ ମିନିଟ୍ ରେ ଏହି ସବୁ ରୁଟ୍ ରେ ଯାତ୍ରୀଙ୍କୁ ନେଇ ମୋ ବସ୍ ଯାତାୟତ କରିବ । ଅନ୍ୟପକ୍ଷରେ ବରମୁଣ୍ଡାରୁ ପୁରୀ ଯିବା ପାଇଁ ରହିଥିବା ୫୧ ନମ୍ବର ରୁଟ୍ କୁ ବନ୍ଦ କରି ଦିଆଯାଇଛି ।

## ଷ୍ଟିଟ୍ ଲାଇଟ୍ ଟେଣ୍ଡରରେ ଚଞ୍ଚକତା : ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୦୩।୯(ପି.ଏନ):- ଗତ ଏପ୍ରିଲ ୪ ତାରିଖରେ ପଂଚାୟତ ବିଭାଗ ଅଧିନସ୍ଥ ଗ୍ରାମୀଣ ଜଳ ଯୋଗାଣ ବିଭାଗର ଷ୍ଟିଟ୍ ଲାଇଟ୍ ଲଗାଇବା ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରରେ ଦୁର୍ନୀତୀ ଓ ପିୟାପ୍ରିତିର ଅଭିଯୋଗ ଆଣିଛି କଂଗ୍ରେସ । କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି ଯେ ରାଜ୍ୟ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଆରଡବ୍ଲୁଏସ୍ଏସ୍ ପକ୍ଷରୁ ରାଜ୍ୟର ୨୯ଟି ଜିଲ୍ଲାରେ ଏଲଇଡି ଲାଇଟ ଲଗାଇବା ନେଇ ୧୫୦ କୋଟି ଟଙ୍କା ଖର୍ଚ୍ଚରେ ୨୯ଟି ଜିଲ୍ଲାର ଗାଁ ଗୁଡିକରେ ଏଲଇଡି ଷ୍ଟ୍ରିଟ୍ ଲାଇଟ ଲଗାଇବା ନେଇ ହୋଇଥିବା ଏହି ଟେଣ୍ଡରରେ କେତେକ ନିର୍ଦ୍ଦିଷ୍ଟ କମ୍ପାନିକୁ ସୁହାଇଲା ଭଳି ବ୍ୟବସ୍ଥା କରାଯାଇଛି । ଏଥି ସହିତ ଯେଉଁ କାମ କମ୍ ଖର୍ଚ୍ଚରେ ହୋଇ ପାରିଥାନ୍ତା ତା ପାଇଁ ଅଧିକ ଖର୍ଚ୍ଚ କରିବା ପାଇଁ ଏହି ଟେଣ୍ଡର ପ୍ରକ୍ରିୟାରେ ସର୍ତ ଧାର୍ଯ୍ୟ କରାଯାଇଛି । ନୂଆ ଟେକନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦିଆ ନ ଯାଇ ୯/୧୦ ବର୍ଷ ତଳେ ମିଳୁଥିବା ନିମ୍ନମାନର ଓ ଅଧିକ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଏଲଇଡି ଲାଇଟ ଯୋଗାଣ ନେଇ ଏହି ଟେଣ୍ଡର ପ୍ରସ୍ତୁତ କରାଯାଇଛି । ଟେଣ୍ଡର ପ୍ରକ୍ରିୟାରେ ଏହି ଚତଂକତା ଯୋଗୁଁ ରାଜ୍ୟ ରାଜକୋଷରୁ ପ୍ରାୟ ୩୦ କୋଟିରୁ ଉର୍ଦ୍ଧ ଟଙ୍କା ବାଟ ମାରଣା କରିବାର ମସୁଧା କରାଯିବା ସହିତ ପ୍ରତି ବର୍ଷ ୫ କୋଟିରୁ ଉର୍ଦ୍ଧ୍ୱ ବିଦ୍ୟୁତ ଶୁଳ୍କ ସରକାର ବହନ କରିବେ ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି । ଟେଣ୍ଡର କାଗଜରେ ପ୍ରତି ୟୁନିଟଓ୍ୱା କ୍ଲଷ୍ଟର ପାଇଁ ୧ଲକ୍ଷ ୩୪ ହଜାର ୮ଶହ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତମାନ ବଜାର ମୂଲ୍ୟ ଅନୁଯାୟୀ ଏହା ୧ ଲକ୍ଷ ଟଙ୍କାରୁ ମଧ କମ୍ ହେବ । ଅର୍ଥାତ ପ୍ରତି ୟୁନିଟ୍ ବା କ୍ଲଷ୍ଟର ପିଛା ୩୦ ରୁ ୪୦ ଶତାଂଶ ଅଧିକ ମୂଲ୍ୟ ଟେଣ୍ଡରରେ ଉଲ୍ଲେଖ ଅଛି । ନିର୍ଦ୍ଦିଷ୍ଟ ଭାବେ ସରକାର କଣ ପାଇଁ ୫ଟି କମ୍ପାନି ପ୍ରତି ଅନୁକମ୍ପା ଦେଖାଉଛନ୍ତି ତାହା ତଦନ୍ତ ସାପେକ୍ଷ । ସରକାର ସବୁ କଥାରେ ସ୍ୱଚ୍ଛ ଶାସନ କଥା କହୁଥିବା ବେଳେ ୧୫୦ କୋଟି ଟଙ୍କାର ଟେଣ୍ଡରରେ ଚଟଂକତା ତାଙ୍କର ସ୍ୱଚ୍ଛ ଶାସନକୁ ପଦାରେ ପକାଇଛି । ନିର୍ଦ୍ଦିଷ୍ଟ କମ୍ପାନିର ଏଲଇଡିରେ ଟେଣ୍ଡର ପ୍ରକ୍ରିୟା ସୀମିତ ନ ରଖି ସର୍ତପୂରଣ କରୁଥିବା ସବୁ କମ୍ପାନିକୁ ସୁଯୋଗ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବା ଉଚିତ । ଏଥି ସହିତ କମ୍ ଖର୍ଚ୍ଚରେ କିଭଳି ଉଚ୍ଚ ଗୁଣବତାର ଏଲଇଡି ଲାଇଟ ଯୋଗାଣ ହୋଇ ପାରିବ ତାହା ସରକାର ସୁନିଶ୍ଚିତ କରିବା ଦରକାର । ଏଭଳି ସ୍ଥିତିରେ ଏଲଇଡି ଲାଇଟ ଟେଣ୍ଡର ରଦ୍ଦ କରାଯାଉ । କେତେକ କମ୍ପାନି ବା ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥକୁ ନ ଦେଖି ଜନସାଧାରଣଙ୍କ ସ୍ୱାର୍ଥ ତଥା ସରକାରୀ ଅର୍ଥର ସୁରକ୍ଷା ପାଇଁ ଏଲଇଡି ଲାଇଟ ଯୋଗାଣ ସର୍ତରେ ଆବଶ୍ୟକ ସଂଶୋଧନ କରି ସାନି ଟେଣ୍ଡର ନୋଟିସ୍ ଜାରିକରିବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ କଂଗ୍ରେସର ପ୍ରବକ୍ତା ମନୋରଂଜନ ଦାସ ଉପସ୍ଥିତ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା । ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ

ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି । ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ । ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ । ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି । ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି । ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ' କୁହାଯାଏ । ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ ।

## ୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଟକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ' । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୦୪**

# ଡିଜିଟାଲ ସଶକ୍ତିକରଣ

ଆଧୁନିକ ଭାରତରେ ଅଭିବୃଦ୍ଧି ହାରର ସ୍ଥିତି ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥାର ଗୁଣବତ୍ତା, ଦକ୍ଷତା, ଯୋଗାଣ ଓ ଯୋଗାଯୋଗ ଆଦି ଉପରେ ନିର୍ଭର କରେ । ତେଣୁ ୨୦୧୫ ମସିହାରେ ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବର୍ତ୍ତମାନ ଆସନ୍ତୁ ବୁଝିନେବା ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥା କ'ଣ ? ନାଗରିକ କୈନ୍ଦ୍ରିକ ଇ-ସେବା ବ୍ୟବସ୍ଥା ହେଉଛି ସମାଜକୁ ସଶକ୍ତ କରିବା ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବାର ଏ ମାଧ୍ୟମ । ମୋଟାମୋଟି ଭାବେ କହିବାକୁ ଗଲେ କାଗଜବିହୀନ (ପେପରଲେସ୍), ଉପସ୍ଥିତି ବିହୀନ (ପ୍ରେଜେନସ ଲେସ୍) ଓ ନଗଦବିହୀନ (କ୍ୟାସଲେସ୍) ସେବା ଦ୍ୱାରା ଅର୍ଥନୈତିକ ବ୍ୟବସ୍ଥାକୁ ଆପଣେଇ ନେବାପାଇଁ ଏହା ଏକ ଡିଜିଟାଲ୍ ପ୍ଲାଟଫର୍ମ । ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହାୟତାରେ ମୋବାଇଲ୍ ନେଟ୍‌ୱାର୍କ, ଇଣ୍ଟରନେଟ ଓ ବିଜୁଳି ଆଦିର ସମ୍ପ୍ରସାରଣ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଯାହା ଦ୍ୱାରା ଗ୍ରାମ୍ୟ ଓ ସହରାଞ୍ଚଳ ରେ ସଂଯୋଗୀକରଣ ହେବା ସହ ଦୂରବର୍ତ୍ତୀ ଅଞ୍ଚଳ ଓ ଅବହେଳିତ ବର୍ଗ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହୋଇ ପାରୁଛନ୍ତି ।

ଡିଜିଟାଲ ଇଣ୍ଡିଆ ଇ-କେନ୍ଦ୍ରିକ ସେବା ପାଇଁ ଆଧାରକାର୍ଡ ଓ ମୋବାଇଲ୍ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହ ନୂଆ ପରିଚୟ ଦେଇଅଛି । ଆମ ଦେଶରେ ଏପର୍ଯ୍ୟନ୍ତ ୧୨୩ କୋଟି ଲୋକଙ୍କ ଆଧାରକାର୍ଡର ଭୂମିକା ରହିଛି ସେହିଭଳି ୩୬କୋଟି ଲୋକ 'ଜନଧନ' ଯୋଜନାରେ ସାମିଲ ହୋଇଥିବା ବେଳେ ୧୧୮ କୋଟି ଲୋକ ମୋବାଇଲ୍ ଫୋନ୍ ସହ ସଂଯୁକ୍ତ ଅଛନ୍ତି । ଡିଜିଟାଲ୍ ଟ୍ରାନ୍‌ଜାକସନ୍‌ର ବୈଧତା ଓ ସତ୍ୟତା ନିର୍ଦ୍ଧାରଣ କରିବା ପାଇଁ ''ଆଧାର ଦକ୍ଷ ଇ-ସାଇନ୍'' ସୁବିଧା କରାଯାଇଛି । ମୋବାଇଲ୍ ସେବା ଫଳରେ ଗ୍ରାମାଞ୍ଚଳରେ ସରକାରୀ ସେବା ପହଞ୍ଚିବାରେ ସହଜ ହୋଇଛି । ସମଗ୍ର ଦେଶରେ ୨.୩ ଲକ୍ଷ ଗ୍ରାମ ପଞ୍ଚାୟତରେ ୩.୪୭ ଲକ୍ଷ ସାଧାରଣ ସେବାକେନ୍ଦ୍ର (ସି.ଏସ୍.ସି) ଲଗାଯାଇ ଲୋକଙ୍କୁ ପ୍ରାୟତଃ ୩୫୦ଟି ଡିଜିଟାଲ ସେବା ସ୍ୱଳ୍ପ ଖର୍ଚ୍ଚରେ ଯୋଗାଇ ଦିଆଯାଉଅଛି ।

ଏଇ ନିକଟରେ ଜାତୀୟ ବ୍ରଡବ୍ୟାଣ୍ଡ୍ ମିଶନର ଶୁଭାରମ୍ଭ ହୋଇଛି ଏହି ଏନ ବି ଏମ୍ ଦ୍ୱାରା ୨୦୨୨ ସୁଦ୍ଧା ସବୁ ଗାଁକୁ ବ୍ରଡବ୍ୟାଣ୍ଡ ସଂଯୋଗୀକରଣ ଲୋକଙ୍କର ଆଶା ପୂରଣ କରିବ ଏହି ମିଶନ । ଡିଜିଟାଲ ସଂଚାର ଭିତ୍ତିଭୂମିରେ ଆସିବ ଦ୍ରୁତ ଉନ୍ନତି ଏବଂ ଡିଜିଟାଲ ସଶକ୍ତିକରଣ ଜରିଆରେ ବିଭାଜନ ଦୂରୀଭୂତ ହେବ ।

ନାଗରିକଙ୍କ ପାଇଁ ବିଭିନ୍ନ ଡିଜିଟାଲ ସେବା ପ୍ରଦାନକାରୀ ପ୍ରୟାସ ଗୁଡ଼ିକ ଉଦ୍ଦିଷ୍ଟ ହୋଇଅଛି । ''ଡାଏରେକ୍ଟ ବେନିଫିଟ୍ ଟ୍ରାନ୍ସଫର'' ବା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥାରେ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ସରକାରୀ ଲାଭ ସିଧାସଳଖ ପ୍ରେରଣ କରାଯାଉଛି । ମୋଟ ୪୪୦ ଟି ସରକାରୀ ଯୋଜନାରେ ୨,୩୩,୯୮୧କୋଟି ଟଙ୍କା ଏହି ବ୍ୟବସ୍ଥାରେ ହିତାଧିକାରୀ ପାଇଛନ୍ତି । ସେହିପରି ଡିଜ୍ ଲକର ବ୍ୟବସ୍ଥାରେ ପବ୍ଲିକ୍ କ୍ଲାଉଡ଼ରେ ନାଗରିକଙ୍କୁ ବ୍ୟକ୍ତିଗତ ସ୍ଥାନ ଦେଇ ସେମାନଙ୍କର ଘରୋଇ ଓ ସରକାରୀ ନଥିପତ୍ର ଗଚ୍ଛିତ ରଖିବାର ସୁଯୋଗ ଦିଆଯାଇଛି । ଯେଉଁଥିରେ କି ଏବେ ୨-୩ କୋଟି ଲୋକ ୩୫୨ କୋଟିରୁ ଅଧିକ ନଥିପତ୍ର ରଖିଛନ୍ତି । ''ଉମଙ୍ଗ'' ପରି ମୋବାଇଲ୍ ଆପ୍ ସରକାରୀ ସେବାପାଇଁ ଯୋଗାଇ ଦିଆଯାଇଛି ଯାହାର ଡାଉନ୍ ଲୋଡ୍ ସଂଖ୍ୟା ୧.୧ କୋଟିରୁ ଅଧିକ ହୋଇଥିବା ବେଳେ ସର୍ବାଧିକ ରେଟିଂ ୪.୫+ (ସର୍ବାଧିକ ୫+) । ''ଇ- ହସପିଟାଲ୍'' ବ୍ୟବସ୍ଥାରେ ୩୨୨ଟି ହସ୍ପିଟାଲ ବ୍ୟବସ୍ଥା ସହ ଯୋଡ଼ି ହୋଇ ୯-୮ କୋଟି ରୋଗୀଙ୍କୁ ପଞ୍ଜୀକୃତ କରିପାରିଛି । 'ଇ-ନାମ କୃଷି' ବ୍ୟବସ୍ଥାରେ ୫୮୫ କୃଷିମଣ୍ଡି ସଂଯୁକ୍ତ ହୋଇ ୧.୬୪ କୋଟି ଚାଷୀ ଓ ୧.୨ ଲକ୍ଷ ବ୍ୟବସାୟୀଙ୍କୁ ଯୋଡି ପାରିଅଛି ଯେଉଁଥିରେ ୨୦,୦୦୦କୋଟି ଟଙ୍କାର କାରବାର ହୋଇଛି । ''ସ୍ୱୟଂ ଅନଲାଇନ୍ ଯୁକ୍ତ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମାନ୍ୟତା ପ୍ରଦାନ କରାଯାଉଛି । ''ଜାତୀୟ ବୃତ୍ତିପୋର୍ଟାଲ ନେଶନାଲ୍ ସ୍କଲାରସିପ୍'' ପୋର୍ଟାଲ୍ ଅନ୍‌ଲାଇନ୍ ସେବା ମାଧ୍ୟମରେ ୨୦ଟି ବିବିଧ ଜାତୀୟ ବୃତ୍ତି ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ଯାହା ଦ୍ୱାରା ୨୦୧୮-୧୯ରେ ୧-୧ କୋଟି ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ସେହିପରି ''ପି.ଏମ୍.ଜି ଦିଶା'' ସ୍ୱାକ୍ଷରତା ଅଭିଯାନ ଦ୍ୱାରା ୨୨ କୋଟି ଲୋକ ତାଲିମ୍ ପାଇବା ସହ ୧.୩କୋଟି ଲୋକ ପ୍ରମାଣ ପତ୍ର ପାଇଛନ୍ତି । '' ଇଣ୍ଡିଆ ବିପିଓ ସ୍କିମ୍'' ମାଧ୍ୟମରେ ଛୋଟ ଛୋଟ ସହରରେ ୩୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି । ''ଜି.ଇ.ଏମ୍'' ପ୍ଲାଟଫର୍ମ ମାଧ୍ୟମରେ ୯.୫ ଲକ୍ଷ ଉପାଦାନ ସାମଗ୍ରୀ ବିକ୍ରୟ ପାଇଁ ଉପଲବ୍ଧ ହୋଇପାରିଛି ଯେଉଁଥିରେ କି ୨.୩ ଲକ୍ଷ ବିକ୍ରେତା ଓ ସେବା ପ୍ରଦାନକାରୀ ସଂସ୍ଥା ସକ୍ରିୟ ଅଛନ୍ତି । ଅନଲାଇନ୍‌ରେ ଜିନିଷପତ୍ର କିଣିବା ଦ୍ୱାରା ସାଧାରଣ ଗ୍ରାହକ ବିଶେଷ ଉପକୃତ ହେଉଛନ୍ତି ଓ ଏହି ସେବାକୁ ଯୋଗାଇଦେବା ପାଇଁ ବିଭିନ୍ନ ସଂସ୍ଥା ନିୟୋଜିତ ହୋଇଛନ୍ତି । ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କାରବାରରେ ଅକ୍ଟୋବର ୨୦୧୬ ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ୮୦୦୦ଗୁଣ ବୃଦ୍ଧିପାଇଛି । ୨.୫୮ ଲକ୍ଷ ପେନ୍‌ସନ୍ ଭୋଗୀ ସେମାନଙ୍କର ''ଜୀବନ ପ୍ରମାଣ ପତ୍ର'' ମାଧ୍ୟମରେ ଉପକୃତ ହୋଇସାରିଲେଣି । ସେହିପରି ସୁପ୍ରିମ୍ କୋର୍ଟ, ହାଇକୋର୍ଟ, ଜିଲ୍ଲା ଅଦାଲ୍‌ରେ ''ଅଟୋ ମେସିନ୍'' ପାଇଁ ''ଇ-କୋର୍ଟସ ମିଶନ ମୋଡ଼ ପ୍ରୋଜେକ୍ଟ'' ଉପଲବ୍ଧ ହୋଇଅଛି । ''ମାଁ ଏଗଡ୍'' ଏକ ଏକକ ଡିଜିଟାଲ ପ୍ଲାଟଫର୍ମ ସହଯୋଗ ଭିତ୍ତିକ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛି ।

୨୦୧୯ ଏପ୍ରିଲ ସୁଦ୍ଧା ''ଇଲେକ୍ଟ୍ରନିକ୍ ଟ୍ରାନ୍‌ଜାକସନ୍ ଆଗ୍ରିନୋସନ୍ ଏଣ୍ଡ ଏଗଲିସିସ୍ ଲେୟାର (ଇଟାଲ) ର ତଥ୍ୟ ଅନୁସାରେ ଇଲେକ୍ଟ୍ରନିକ୍ସ ସେବା ୩୨୦୨ କୁ ବୃଦ୍ଧି ପାଇଛି ଯାହାକି ଦୈନିକ ହାରାହାରି ଭିତ୍ତିରେ ମୋଟ ୯୫ କୋଟିଥର କାରବାର ହୋଇଛି । ଏଥିରୁ ସୂଚନା ମିଳୁଛି ଯେ ଡିଜିଟାଲ ଇଣ୍ଡିଆର ବ୍ୟବହାର ଓ ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି । ୨୦୧୪ ମସିହାରେ ମାତ୍ର ୨ଟି ମୋବାଇଲ୍ ତିଆରି କାରଖାନା ଥିବାବେଳେ ଏବେ ୨୬୮ଟି ଅଛି । ଯାହା ଫଳରେ ୬୬.୭ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ପାଇପାରୁଛନ୍ତି । ଡିଜିଟାଲ ଟେକନୋଲୋଜିର ଲାଭ ଆଉ ସ୍ୱଚ୍ଛଳ ବର୍ଗରେ ସୀମିତ ରହିନାହିଁ । ବରଂ ସାଧାରଣ ବର୍ଗ ଉପକୃତ ହୋଇ ସଶକ୍ତ ସମାଜ ନିର୍ମାଣରେ ସହାୟକ ହୋଇପାରୁଛି । ଶେଷରେ ଏତିକି କୁହାଯାଇପାରେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ନାଗରିକ ଇକୈନ୍ଦ୍ରିକ ସେବା ପ୍ରଦାନ କାରାଯିବା ଦ୍ୱାରା ଆଧୁନିକ ଗଣତାନ୍ତ୍ରିକ ନୂତନ ଭାରତ (ନିଉ ଇଣ୍ଡିଆ) ର ସ୍ୱପ୍ନ ସାକାର ହେବାର ପଥ ଉନ୍ମୁକ୍ତ ହେବା ସହ ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ସ୍ଥାପନ କରାଯାଇପାରିଛି ।

**ଡ. ଅସୀମା ସାହୁ,** ଅଧକ୍ଷା, ଶ୍ରୀ ରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟ, ରାଗ୍‌ଧା, ଫୋନ୍ ନଂ- ୯୪୩୭୩୮୦୭୭୦

## ଆଜିର ଅନୁଚିନ୍ତା

*ପାର୍ଥିବ ନୟନକୁ ବନ୍ଦ ନ କଲେ,*
*ଅପାର୍ଥିବ ନୟନ ଫିଟିବ କିପରି ?*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଆତ୍ମନିର୍ଭରଶୀଳ

ଦେଶର ସର୍ବବୃହତ ଗୃହ ଶତୃର ଆଖ୍ୟା ଯଦି କାହାକୁ ମିଳେ, ତେବେ ତାହା ହେଉଛି ମାଓ କିମ୍ବା ନକ୍ସଲ ସଂଗଠନ। ୧୯୬୭ ମସିହାରେ ଚିନ୍‌ର ମାଓ ଜେଡଗଙ୍କ ପ୍ରତିବାଦ ନୀତି ଆଧାରରେ ପଶ୍ଚିମବଙ୍ଗର ନକ୍ସଲବାରି ଅଂଚଳରୁ ଜନ୍ମ ନେଇଥିଲା ମାଓ ଆନ୍ଦୋଳନ। କିନ୍ତୁ ପରେ ପରେ ଏହା ମାଓବାଦୀଙ୍କ ଜନ୍ମଭୂମୀ ହୋଇଥିଲେ ମଧ୍ୟ, ସେମାନଙ୍କ ଗତିବିଧି ତଥା କାର୍ଯ୍ୟକଳାପ ସେଠାରେ ଅଧିକ ଦିନ ତିଷ୍ଠିପାରି ନଥିଲା। ବର୍ତ୍ତମାନ ସମୟରେ ଦେଶର ଅନେକ ରାଜ୍ୟ ମାଓ ସମସ୍ୟା ସହ ଜଡିତ ଯାହା ମଧ୍ୟରେ ଓଡ଼ିଶା, ଛତିଶଗଡ଼, ଝାଡଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଆଦି ଅନ୍ୟତମ।

ଓଡ଼ିଶାର ଭୂମି ଉପରେ ଛିଡ଼ା ହୋଇ ଯଦି କିଏ କେବେ ମାଓ ସମସ୍ୟାକୁ ନେଇ କିଛି ଭାବନା ମନକୁ ଆଣେ, ତେବେ ସର୍ବପ୍ରଥମେ ଆଖିଆଗରେ ନାଚି ଯାଇଥାଏ ଗୋଟେ ଜିଲ୍ଲା ତାହା 'ମାଲକାନଗିରି'। ରାଜ୍ୟର ଦକ୍ଷିଣ ପ୍ରାନ୍ତରେ ଥିବା ଏହି ଜିଲ୍ଲା କେବେ ମାଓବାଦୀଙ୍କ ଗଡ ରୂପରେ ତ' କେବେ ସ୍ୱାଭିମାନ ଅଂଚଳ ରୂପରେ ଜଣାଶୁଣା। ଜିଲ୍ଲାର ଭୌଗୋଳିକ ସଂରଚନା ଓ ସଂଲଗ୍ନ ପଡୋଶୀ ରାଜ୍ୟମାନଙ୍କରେ ମାଓ ସଂଗଠନର ସକ୍ରିୟତା ଏହାପାଇଁ ମୁଖ୍ୟ ବିପଦ। ଘଂଚ ଜଙ୍ଗଲ ପରିବେଶ, ନଦ ନଦୀ, ଝରଣା ତଥା ନିରୀହ ଆଦିବାସୀମାନଙ୍କର ବାସଭୂମି ହୋଇଥିଲେ ବି ମାଓବାଦୀ କାର୍ଯ୍ୟକଳାପ ପାଇଁ ଏହି ଜିଲ୍ଲା ଅଶାନ୍ତ ଓ ଭୟାତୁର।

ମାଲକାନଗିରି ସୁରକ୍ଷା ବ୍ୟବସ୍ଥା ମୁଖ୍ୟତଃ CRPF, BSF, SOG, DVF, DRGର ଯବାନମାନଙ୍କ ହାତରେ ନ୍ୟସ୍ତ ରହିଛି। କେବେ ସୁରକ୍ଷାକର୍ମୀ ନିଜ ଦେଶପାଇଁ ଶହୀଦ ହେଉଛନ୍ତି ତ ପୁଣି କେବେ ମାଓବାଦୀ ନିଜ ସଂଗଠନ ପାଇଁ ନିଜ ଜୀବନକୁ ବାଜି ଲଗାଉଛନ୍ତି। ଦୀର୍ଘବର୍ଷର ଏହି ଛକାପଞ୍ଝା ଖେଳ ଭିତରେ ସତେ ଯେମିତି ଜିଲ୍ଲା ତାର ନିଜତ୍ୱକୁ ହରେଇ ବସିଛି। ଜିଲ୍ଲାର ଅଧିବାସୀମାନଙ୍କୁ ଏକ ଶାନ୍ତିପୂର୍ଣ୍ଣ ଜୀବନଯାପନ ପ୍ରଦାନ ନିମନ୍ତେ ମାଲକାନଗିରି ନିଜସ୍ୱ ଭାବରେ ଅକ୍ଷମ।



ଆଜିବି ଜିଲ୍ଲା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳର ସହାୟତା ନିତ୍ୟାନ୍ତ ଆବଶ୍ୟକ। ଜିଲାର ଯୁବ ବର୍ଗଙ୍କୁ ନେଇ ଏ ପର୍ଯ୍ୟନ୍ତ ସେଭଳି କୌଣସି ସୁରକ୍ଷା ସଂଗଠନର ଜନ୍ମ ହୋଇନାହିଁ, ଯାହା ହେବା ନିହାତି ଜରୁରୀ। ମହାରାଷ୍ଟ୍ରର ଗଡ଼ଚିରୋଲି ବି ଦିନେ ମାଓବାଦୀଙ୍କ ଗଡ ଥିଲା। କିନ୍ତୁ ସେଠାକାର ପୂର୍ବତନ ଏସ୍.ପି. କେ.ପି. ରଘୁବଂଶୀ କୂଟନୀତି ସ୍ୱରୂପ ସ୍ଥାନୀୟ ୬୦ ଜଣ ଯୁବକମାନଙ୍କୁ ନେଇ ୧୯୯୦ ମସିହାରେ ଏକ କମାଣ୍ଡୋ ୟୁନିଟ ଗଠନ କରିଥିଲେ, ଯାହାର ନାଁ ଥିଲା Crack-60 କିମ୍ବା C-60 ଉକ୍ତ ୟୁନିଟ ମାଓ ମୁକାବିଲାରେ ଆଶାନୁରୂପ ସଫଳତା ଆଣି ଦେଇଥିଲା ଯାହା ଫଳରେ ପରେ ମାଓବାଦୀଙ୍କ କାର୍ଯ୍ୟକଳାପ ସେହି ଅଂଚଳରେ ହ୍ରାସ ପାଇଥିଲା।

ସେହି ପରିପ୍ରେକ୍ଷୀରେ ଛତିଶଗଡ ପୋଲିସ ମଧ୍ୟ ଦାନ୍ତେଶ୍ୱର ଜିଲ୍ଲାରେ ଦାନ୍ତେଶ୍ୱରୀ ନାମରେ ଏକ ମହିଳା କମାଣ୍ଡୋ ୟୁନିଟ ଗଠନ କରିସାରିଛି। ସେହି ୟୁନିଟରେ ସ୍ଥାନୀୟ ମହିଳା ତଥା ମାଓ ସଂଗଠନ ଛାଡିଥିବା ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯାଉଅଛି। ବସ୍ତର ଅଂଚଳ ପାଇଁ ବି ସ୍ୱତନ୍ତ୍ର ଭାବେ ବସ୍ତରିଆ ବାଟାଲିୟନ ଗଠନ କରାଯାଇଅଛି। ଉକ୍ତ ସମସ୍ତ ସାମରିକ ନୀତି ଛତିଶଗଡ ପାଇଁ ଏକ ବରଦାନ ଭାବେ ଉଭା ହୋଇଛି।

ତେଣୁ ଓଡ଼ିଶା ସରକାର ଉକ୍ତ ନୀତିର ଅନୁସରଣ ସ୍ୱରୂପ ମାଲକାନଗିରି ଜିଲ୍ଲାର ଯୁବବର୍ଗମାନଙ୍କୁ ନେଇ ସେହିପରି କିଛି ସୁରକ୍ଷା ସଂଗଠନ କରିବା ଉଚିତ୍। କାରଣ ନିଜ ଜିଲ୍ଲା କିମ୍ବା ନିଜ ଅଂଚଳର ସୁରକ୍ଷା ଭାର ସେମାନଙ୍କ କାନ୍ଧରେ ଛାଡିଲେ ସେମାନେ ଅଧିକ ଆକ୍ରମଣାତ୍ମକ କିମ୍ବା ଫଳଦାୟୀ ହୋଇପାରିବେ। ଏହାଛଡ଼ା ଜିଲ୍ଲାର ମାଓ ସମସ୍ୟାକୁ ଦୂର କରିବା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଉପରେ ଯେତିକି ଯତ୍ନଶୀଳ ହେବା ଉଚିତ୍ ତାଠୁ ଅଧିକ ଜିଲ୍ଲାର ଭିତ୍ତିଭୂମୀର ବିକାଶ ପାଇଁ ତତ୍ପର ହେବାକୁ ପଡ଼ିବ। କାରଣ ସ୍ଥାନୀୟ ବିକାଶ ମାଓ ନୀତିର ଏକ ପ୍ରଧାନ ଶତୃ। ଜିଲ୍ଲାର ଗୁରୁପ୍ରିୟା ସେତୁ ଯେ ଏକ ସେତୁ ତା ନୁହେଁ, ମାଓ ସଂଗଠନ ଛାତି ଉପରେ ଏହା ଏକ ଭୟର ଗାର। ବିଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଂଚଳର ପରିଚୟ ଦେବାରେ ଏହାର ଭୂମିକା ଅତୁଳନୀୟ। ଖାଲି ବନ୍ଧୁକ ମୂନର ଭୟରେ ମାଓ ଦମନ କରିହେବ ନାହିଁ। ବିକାଶର ସୂର୍ଯ୍ୟାଲୋକ ସହାୟତାରେ ବି ମାଓ ଅନ୍ଧକାରକୁ ଦୂରୀଭୂତ କରାଯାଇପାରିବ।

ରାଜ୍ୟ ସରକାର ଜିଲ୍ଲାର ଆଦିବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ସହ ସାମିଲ ନିମନ୍ତେ ହୃଦୟରୁ ନିରନ୍ତର ପ୍ରଚେଷ୍ଟା କରିବା ଉଚିତ୍। ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତର ସହ ଧ୍ୟାନ କେନ୍ଦ୍ରିତ କଲେ ଅନେକ ଯୁବ ବର୍ଗଙ୍କୁ ସଂଗଠନ ସହ ଜଡିତ ହେବାରୁ ନିବୃତ କରାଯାଇପାରେ। ଜିଲ୍ଲାରେ ଶିଳ୍ପର ବିକାଶ, ସହରୀକରଣ, ଗମନାଗମନ ସମସ୍ୟାର ଦୂରୀକରଣ, ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବାର ଉପଲବ୍ଧିକରଣ, ସ୍ଥାୟୀ ବାସିନ୍ଦାଙ୍କ ରୋଜଗାରୀକରଣ, ସରକାରୀ ଯୋଜନାର ମାତ୍ରାଧିକ ଉପଯୋଗୀକରଣ ଭଳି କିଛି ବିକାଶମୂଳକ କାର୍ଯ୍ୟକୁ କାର୍ଯ୍ୟକ୍ଷମ କରାଯିବା ଉଚିତ୍। ଯାହାଫଳରେ ଜିଲ୍ଲା ସୁରକ୍ଷାର ହାତଟେକା ସହାୟତା ନିଜକୁ ଶାନ୍ତି ପ୍ରଦାନ କରିବନାହିଁ ବରଂ ନିଜକୁ ନିଜେ ସୁଦୃଢଭାବେ ଗଢ଼ି ତୋଳିବ। କାରଣ ନିଜ ସମସ୍ୟାକୁ ସମାଧାନ କରିବାର କ୍ଷମତା ନିଜ ପାଖରେ ନଥିଲେ, ସାହାଯ୍ୟକାରୀ ବ୍ୟକ୍ତି କିମ୍ବା ବଳର ପ୍ରତ୍ୟାହାର ପରେ ନିଜକୁ ଶତ୍ରୁ ଆଗରେ ହାର ମାନିବାକୁ ପଡିଥାଏ। ଉଦାହରଣ ସ୍ୱରୂପ ଆମେରିକାର ସୈନ୍ୟ ଅପସାରଣ ପରେ ତାଲିବାନ ସମ୍ମୁଖରେ ଆଫଗାନିସ୍ଥାନର ସ୍ଥିତିରୁ ଏହା ବୁଝାଯାଇପାରେ।

ସବୁ ସମୟରେ ଭୁଲ୍ କାର୍ଯ୍ୟ କିମ୍ବା ଭୁଲ୍ ଲୋକ ସମାଜକୁ ଯେ ଖରାପ ଶିକ୍ଷା ଦେଇଥାଏ ତାହା ଭୁଲ୍। ବିହାରର ଚର୍ଚ୍ଚିତ ଚେହେରା ଲାଲୁ ପ୍ରସାଦ ଯାଦବ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତା ହୋଇଥିଲେ ମଧ୍ୟ ଥରେ ଗୋଟେ କଥା କହିଥିଲେ- ଆମ୍ଭେମାନେ ଜାତି ପ୍ରଥାର ସଂରକ୍ଷଣ ବିରୋଧରେ ପ୍ରତିବାଦ କରିବା ଶିଖିଛେ କିନ୍ତୁ କେବେ ସେ ସଂରକ୍ଷଣ କାହିଁକି ଜନ୍ମ ନେଇଛି ସେ ବିଷୟରେ ଭାବୁନା। ସେହିଭଳି ଆଜି ପ୍ରତ୍ୟେକ ରାଜ୍ୟ ମାଓ ସମସ୍ୟାକୁ ପ୍ରତିହତ କରିବାପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି କିନ୍ତୁ ତାର ମୂଳୋତ୍ପତିର ମଂଜିକୁ ଧ୍ୱଂସ କରିପାରି ନାହାଁନ୍ତି, ଯାହାଦ୍ୱାରା ସମସ୍ୟାର ବିଲୀନ ଘଟୁନାହିଁ। ତେଣୁ ମାଲକାନଗିରି ଯେ ଭବିଷ୍ୟତରେ ଏକ ନୂତନ ପରିଚୟ ନେଇ ଉଭା ହେବ ତାହା ବି କିଛି ଅସମ୍ଭବ ନୁହେଁ।

**ଶ୍ରବଣ କୁମାର କର**
**ଭୂତତ୍ତ୍ୱ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ମୋ- ୯୧୧୪୬୪୯୬୫୪**

# ଆଫଗାନିସ୍ତାନରେ ଆଲୋକର ଶିଖା ନର୍ଥନ ଆଲିଆନସ

**ଡାଃ ସୁରେନ୍ଦ୍ର ନାଥ ଦାଶ**



**There should be an Afaganistan where every Afgan finds him or herself happy and I think, that can be only achieved by democracy based consesus—**ଲଙ୍କାରେ ହରି ଶବ୍ଦ ଭଳି ଏ କଥା କହିଥିଲେ ତାଲିବାନ ବିରୋଧି ପାଂଜିଶିର ଭାଲିର କମାଣ୍ଡର, ଅହମଦ ସାହା ମାସୁଦ, ଯେ କି ମିଳିତ ସରକାରର ପ୍ରତିରକ୍ଷା ମନ୍ତ୍ରୀ ଥିଲେ।

ଅନେକ ଜାଣନ୍ତି ନାହିଁ ଯେ ତୀବ୍ର ମୌଳବାଦୀ ତାଲିବାନଙ୍କ ଅଧିକୃତ ଆଫାଗାନିସ୍ଥାନରେ ଗଣତାନ୍ତ୍ରିକ ଚିନ୍ତାଧାରା, ନାରୀ ସ୍ୱାଧିନତା ଓ ଧର୍ମଗତ ଉଦାରତା ଚିନ୍ତାଧାରା ଏବେ ବି ବ-ଂଚି ରହିଛି। ସେହି ଦେଶର ତାଲିବାନ ବିରୋଧି ଗଣତନ୍ତ୍ରପ୍ରେମୀ ମାନେ ଏକ ଆଲିଆନସ ଗଢି ତାଲିବାନଙ୍କ ବିରୁଦ୍ଧରେ ଲଢିବାକୁ ବାହାରିଛନ୍ତି। ସମସ୍ତ ଚେଷ୍ଟା ସତ୍ତ୍ୱେ ତାଲିବାନମାନେ ଆଗଥର ପରି ଆଫାଗାନିସ୍ତାନର କିଛି ଉତ୍ତରା-ଞ୍ଚଳକୁ ଅଧିକାର କରିପାରିନାହାନ୍ତି। ସେହି ରାଜ୍ୟ ମାନ ଙ୍କର ଓ୍ୱାରଲର୍ଡମାନେ ନର୍ଥନ ଆଲିଆନସ ବା **United National Front for salvation of Afganistan** ନାମରେ ଏକ ସାମରିକ ମେଣ୍ଟ ଗଠନ କରି ତାଲିବାନଙ୍କ ବିରୁଦ୍ଧରେ ଲଢୁଛନ୍ତି। ସେ ଭାଲିରେ ପଶି ଥରେ ତିନିହଜାର ତାଲିବାନଙ୍କ ମୃତ୍ୟୁ ହେଲା ପରେ ସେମାନେ ଆଉ ଆକ୍ରମଣର ସାହସ କରୁନାହାଁନ୍ତି ।

**ଆଲିଆନସର ଇତିହାସ:** ୧୯୯୨ ମସିହାରେ ମୁଜାହିଦମାନେ ଋଷିଆର ସୈନ୍ୟମାନଙ୍କୁ ବିତାଡିତ କରି କାବୁଲ ରାଜଧାନୀ ଅଧିକାର କଲେ। ସେମାନେ ପେଶୱାର ଠାରେ ମିଳିତ ହୋଇ ଗଣତାନ୍ତ୍ରିକ ୟୁନାଇଟେଡ ଫ୍ରଣ୍ଟ ମିଳିତ ସରକାର ଗଠନ ପାଇଁ ନିଷ୍ପତି ନେଲେ । ବୁରାହୁଦିନ ରାବାନୀ ପ୍ରେସିଡେଣ୍ଟ ଓ ଅହମଦ ମାସୁଦ ପ୍ରତିରକ୍ଷା ମନ୍ତ୍ରୀ ହେଲେ । ସରକାର ନାମ ଦିଆଗଲା ଇସଲାମିକ ଷ୍ଟେଟ ଅଫ ଆଫଗାନିସ୍ତାନ । କିଛିଦିନ ପରେ କିଛି ଓ୍ୱାରଲର୍ଡ (ଗୁଲାବଉଦ୍ଦିନ ହେକମାଟିଆରଙ୍କ ହେଜ-ଇ-ଇସଲାମ ଦଳ) ଶାସନରୁ ଓହରି କାବୁଲ ଉପରେ ଆକ୍ରମଣ ଆରମ୍ଭ କଲେ। ପାକିସ୍ତାନ ଓ ଇରାନ ନିଜର ସ୍ୱାର୍ଥ ପାଇଁ ତାଙ୍କୁ ସାହାଯ୍ୟ କଲେ। କୁହାଯାଏ କାବୁଲର ଅର୍ଦ୍ଧେକ ରକେଟ ମାଡରେ ଧ୍ୱଂସ ହେଲା। ଏହି ଗୃହଯୁଦ୍ଧର ସୁଯୋଗ ନେଇ ଦକ୍ଷିଣ ଆଫଗାନିସ୍ଥାନରେ କାନ୍ଦାହାର ସହରରେ ମୌଳବାଦୀ ତାଲିବାନ ଦଳର ଆବିର୍ଭାବ ହେଲା (୧୯୯୪) । ସେମାନଙ୍କୁ ପାକିସ୍ଥାନ ହାତବାରିଶି କରି ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ସାହାଯ୍ୟ ପଠାଇଲା । ସେମାନେ କାବୁଲ ଆଡକୁ ମାଡି ଚାଲିଲେ। ସେମାନଙ୍କୁ କାବୁଲ ଉପକଣ୍ଠରେ ମାସୁଦଙ୍କ ସୈନ୍ୟମାନେ ଶୋଚନୀୟ ଭାବେ ପରାସ୍ତ କଲେ। ମାତ୍ର ପାକିସ୍ତାନ ନିଜର କମାଣ୍ଡୋ ପଠାଇ ସେମାନଙ୍କୁ ମଦତ ଦେଲା। ଏତିକି ବେଳେ ଅହମଦ ଦୋସ୍ତମ ନାମକ ଜଣେ କମାଣ୍ଡରଙ୍କ ସହ ମାସୁଦଙ୍କ ବିବାଦ ହେବାରୁ କାବୁଲ ପ୍ରତିରକ୍ଷା ଦାୟିତ୍ୱରେ ଥିବା ମାସୁଦ ୟୁନାଇଟେଡ ଫ୍ରଣ୍ଟର ବିବାଦରେ ବ୍ୟଥିତ ହୋଇ ନିଜର ସୈନ୍ୟ କାବୁଲରୁ ପ୍ରତ୍ୟାହାର କରି ନିଜ ଘର ପାନଶିର ଭ୍ୟାଲିକୁ ଚାଲିଗଲେ । ତାଲିବାନ ମାନେ ୧୯୯୬ ମସିହାରେ କାବୁଲ ଅଧିକାର କଲେ । ତାଲିବାନ ମାନେ ଆକ୍ରମଣ କରି ଅନ୍ୟ ରାଜ୍ୟମାନ ଦଖଲ କଲେ ମଧ୍ୟ ପାଂଜିର ଭାଲି ଅପରାଜେୟ ହୋଇ ରହିଲା। ସେମାନେ ଆଲିଆନସର ଅନ୍ୟତମ ଶକ୍ତିଶାଳୀ କମାଣ୍ଡର ଅବଦୁଲ ରସିଦ ଦୋସ୍ତମଙ୍କ ରାଜଧାନୀ ମଜିର-ଇ-ସରିଫ ଅଧିକାର କଲେ । ନିଜ ରାଜ୍ୟରେ ମାସୁଦ ଗଣତନ୍ତ୍ର ଶାସନ ଚଳାଇଲେ । ନାରୀମାନଙ୍କୁ ପୂର୍ଣ୍ଣ ସ୍ୱାଧିନତା ଦେଲେ । ସେ ଭାରତର ବନ୍ଧୁ ଥିଲେ ଓ ଭାରତର ଗଣତନ୍ତ୍ର ଶାସନକୁ ପ୍ରଶଂସା କରୁଥିଲେ। ଭାରତ ମଧ୍ୟ ତାଙ୍କୁ ନାନା ଭାବରେ ସାହାଯ୍ୟ ଯୋଗାଉଥିଲା । ତାଙ୍କ ଅଧୀନରେ ବାଦଶାକାନ ପ୍ରଦେଶ ରହିଥିଲା, ଯାହା ଆଫାଗାନିସ୍ତାର ୧୦ ଶତକଡା ଥିଲା। ତାଙ୍କୁ ତାଜିକ, ଉଜବେକ, ହାଜିରା ସିଆମାନେ ସମର୍ଥନ କରୁଥିଲେ । ସେ କାଜାକସ୍ତାନର ନିଜ ଘରେ ବିଦେଶୀମାନଙ୍କୁ ସାକ୍ଷାତ କରୁଥିଲେ । ୨୦୦୧ ମସିହାରେ ବ୍ରସେଲସଠାରେ ଥିବା ୟୁରୋପିୟ ପାର୍ଲିଆମେଣ୍ଟରେ ଏକ ଭାଷଣ ବେଳେ ନିକଟରେ ଏକ ବଡ ଆତଙ୍କୀ ଆକ୍ରମଣର ସୂଚନା ଦେଇଥିଲେ । ତାର ଅଳ୍ପ ଦିନ ପରେ ଆଲକାଇଦା ଆତ୍ମଘାତୀଙ୍କ ଦ୍ୱାରା ଟ୍ରେଡ ଟାୱାର ଉପରେ ଆକ୍ରମଣ ହେଲା (୧୧.୯.୨୦୦୧) । ଆମେରିକାର ଟ୍ରେଡ ଟାୱାର ଉପରେ ଆକ୍ରମଣର ଦୁଇଦିନ ଆଗରୁ ଦୁଇଜଣ ଆଲକାଇଦା ଆତ୍ମଘାତୀ ସାମ୍ବାଦିକ ପରିଚୟ ଦେଇ ମାସୁଦଙ୍କୁ ହତ୍ୟା କଲେ । ଆଲକାଇଦାକୁ ଆଶ୍ରୟ ଦେଇଥିବାରୁ ଆମେରିକା ନର୍ଥନ ଆଲିଆନସ ସହ ମିଶି ତାଲିବାନଙ୍କ ଉପରେ ଆକ୍ରମଣ କଲା । ଅଳ୍ପ ଦିନ ମଧ୍ୟରେ ତାଲିବାନ ମାନେ ଦେଶଛାଡି ପଳାଇଲେ । ପାକିସ୍ତାନ ବିମାନବାହିନୀ ତାଲିବାନଙ୍କୁ ନିଜ ଦେଶକୁ ନେଇ ଆଶ୍ରୟ ଦେଲା (Evacuation of Devil) । ଆଫଗାନିସ୍ତାନରେ ପୁଣି ମିଳିତ ସରକାର ଗଠିତ ହେଲା । ନିର୍ବାଚନ ହୋଇ ହାମିଦ କରଜାଇ ପ୍ରେସିଡେଣ୍ଟ ହେଲେ। ତାଙ୍କ ପିତା ତାଲିବାନଙ୍କ ଦ୍ୱାରା ନିହତ ହୋଇଥିଲେ । କମାଣ୍ଡରମାନଙ୍କୁ ଅସ୍ତ୍ରହୀନ କରି ନେସନାଲ ଆର୍ମି ଗଠନ କରାଗଲା। ଆଫଗାନିସ୍ତାନରେ ନେସନାଲ ଆର୍ମି ଗଠନ କେବେ ସଫଳ ହୋଇନାହିଁ। ଫଳରେ ଏହା ଦକ୍ଷ ହୋଇ ପାରିଲା ନାହିଁ। ଆମେରିକାର ପୁଣି ପୁରୁଣା ରୋଗ ବାହାରିଲା। ତା' ଚାପରେ କାରଜାଇ ତାଲିବାନଙ୍କ ସହ ଗୁପ୍ତରେ ଆଲୋଚନା ଆରମ୍ଭ କଲେ। ତାଲିବାନ ବିରୋଧୀମାନେ ତାଲିବାନଙ୍କ ସହ କୌଣସି ସଂପର୍କ ଚାହୁଁ ନଥିଲେ । ସେମାନେ ସରକାରଠାରୁ ଦୂରେଇବାକୁ ଲାଗିଲେ । ଏଣେ ପାକିସ୍ତାନର ଅସ୍ତ୍ର ଓ ସାଉଦି ଆରବିଆର ଅର୍ଥରେ ସେମାନେ ସରକାରୀ ସୈନ୍ୟ ଓ ଅନୁଷ୍ଠାନ ଉପରେ ଆକ୍ରମଣ କଲେ । ଆମେରିକାର ସମସ୍ତ ଚେଷ୍ଟା ସତ୍ତ୍ୱେ ତାଲିବାନମାନେ ଅନେକ ଅ-ଞ୍ଚଳ କବଜା କରିନେଲେ। ଶେଷକୁ ଆମେରିକା ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ସୈନ୍ୟ ଅପସାରଣ ଘୋଷଣା କଲା। ଆମେରିକାର ସୈନ୍ୟସଂଖ୍ୟା କମିବା ପରେ ତାଲିବାନମାନେ ମାଡି ଆସିଲେ ଓ ଅଗଷ୍ଟ ୧୫ ତାରିଖରେ କାବୁଲ କବ୍‌ଜା କରି ଇସଲାମ ଏମିରେଟ ଘୋଷଣା କଲେ। ଆଫଗାନିସ୍ତାନର ପ୍ରେସିଡେଣ୍ଟ ଦେଶ ଛାଡି ପଳାଇଛନ୍ତି । ତାଲିବାନ ବିରୋଧୀମାନେ ପୁଣି ଏକଜୁଟ ହୋଇ ନର୍ଥନ ଆଲିଆନସ ଗଠନ କରି ତାଲିବାନ ସହ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ମାସୁଦଙ୍କ ଭାଇ ଓ ପୁଅ ପାନସାର ଭାଲିର ସୁରକ୍ଷା ଯୋଗାଉଛନ୍ତି । ଅନେକ ଲୋକ ସେଠାରେ ଆଶ୍ରୟ ନେଇଛନ୍ତି । ମାସୁଦଙ୍କ ଘନିଷ୍ଠ ସହଯୋଗୀ ଅବଦୁଲ୍ଲା ଅବଦୁଲ୍ଲା ଏବେ ଆଲିଆନସର ମୁଖ୍ୟ ଅଛନ୍ତି। ଆଫଗାନିସ୍ତାନରେ ତାଲିବାନ ଶାସନ ଭାରତ ପ୍ରତି ଏକ ଆହ୍ୱାନ। ଭାରତ ତାଲିବାନ ସରକାରକୁ ସ୍ୱୀକୃତି ଦେଇନାହିଁ। ସେ କାରଜାଇଙ୍କ ଗଣତାନ୍ତ୍ରିକ ସରକାରଙ୍କୁ ସ୍ୱୀକୃତି ଦେଇଥିଲା। ପାକିସ୍ତାନ ତାଲିବାନର ଦୃଢ ସମର୍ଥକ ଓ ଏକରକମ ଛାୟା ଯୁଦ୍ଧ ଚଳାଉଛି । ତାଲିବାନମାନଙ୍କର ଧର୍ମାନ୍ଧ ଶାସନ ସାରା ବିଶ୍ୱ ପାଇଁ ବିପଦ । ଭାରତ ଆଲିଆନସକୁ ଏଥର ମଧ୍ୟ ସମର୍ଥନ ଦେବ। ଏହା ତା ପାଇଁ ଏକ ସମ୍ମାନର ପ୍ରଶ୍ନ । ବିଶ୍ୱର ସମସ୍ତ ଗଣତନ୍ତ୍ରପ୍ରେମୀ ରାଷ୍ଟ୍ର ତାଲିବାନର ବିରୋଧ କଲେ ଆଫଗାନିସ୍ଥାନରୁ ସେମାନଙ୍କର ବିଲୟ ଘଟିବ ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬*

# ଦର୍ଶନୀୟ ପୀଠ: ମନକାମନା

••••••••••ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ••••••••••



କର୍ମମୟ ଜୀବନ ଭିତରେ ସମୟ ବାହାର କରି ମଣିଷ ତା'ର ମନ ଓ ହୃଦୟକୁ ପବିତ୍ର କରିବା ପାଇଁ ବିଭିନ୍ନ ସ୍ଥାନ ଭ୍ରମଣ କରେ ଓ ତୀର୍ଥଯାତ୍ରା କରେ। ବିଶ୍ୱର ବିଭିନ୍ନ ତୀର୍ଥସ୍ଥାନ ମଧ୍ୟରେ ତୀର୍ଥକ୍ଷେତ୍ର ନେପାଳ ଅନ୍ୟତମ। ନେପାଳରେ ବହୁତ ପ୍ରସିଦ୍ଧ ଦେବାଦେବୀ ମନ୍ଦିର ଅବସ୍ଥିତ, ଯାହା ଭକ୍ତର ହୃଦୟରେ ଭକ୍ତିର ଆଲୋଡ଼ନ ସୃଷ୍ଟି କରିଥାଆନ୍ତି। ପ୍ରସିଦ୍ଧ ଶିବମନ୍ଦିର ପଶୁପତିନାଥ ନେପାଳର କାଠମାଣ୍ଡୁ ଠାରେ ଅବସ୍ଥିତ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବିଶେଷତଃ ଭାରତରୁ ଅଗଣିତ ତୀର୍ଥଯାତ୍ରୀ ପଶୁପତିନାଥଙ୍କ ଦର୍ଶନ କରିବା ପାଇଁ ଯାଆନ୍ତି। ଏହା ବ୍ୟତୀତ ଭଗବାନ ମୁକ୍ତିନାଥ, ସ୍ୱୟଂଭୂନାଥ, ବୁଢ଼ା ନୀଳକଣ୍ଠ, ବୌଦ୍ଧନାଥ, ଶ୍ୱେତଭୈରବ ହନୁମାନ, କାଳଭୈରବ ହନୁମାନ, ଭଦ୍ରକାଳୀ, ବାଗେଶ୍ୱରୀ, ଧୋର ବରାହୀ, ଶ୍ରୀ ମଙ୍ଗଳାସନା ଦେବୀ, ଜ୍ୱାଳାମୟୀ, ବିନ୍ଧ୍ୟବାସିନୀ, ପୁଷ୍କରେଶ୍ୱର ମହାଦେବ, ସିଦ୍ଧେଶ୍ୱର ମହାଦେବ, ଗୃହେଶ୍ୱରୀ, ଦକ୍ଷିଣକାଳୀ, ସଙ୍ଗାଠାରେ ଅବସ୍ଥିତ ୧୪୩ ଫୁଟ ଉଚ୍ଚ ଭଗବାନ ଶିବଙ୍କର ବ୍ରୋଞ୍ଜମୂର୍ତ୍ତି, ଭକ୍ତପୁରସ୍ଥିତ ନ୍ୟାଟପୋଲ ମନ୍ଦିର, ଭଗବତୀ ଓ ମନକାମନା ଦେବୀ ଆଦି ଦେବଦେବୀ ନେପାଳକୁ ମଣ୍ଡିତ କରିଛନ୍ତି।

ଏହାଛଡ଼ା ଭଗବାନ ବୁଦ୍ଧଙ୍କର ଜନ୍ମସ୍ଥାନ ନେପାଳର ଲୁମ୍ବିନୀ ଠାରେ ଅବସ୍ଥିତ। ସୀତାଙ୍କର ଜନ୍ମସ୍ଥାନ ତଥା ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କର ବିବାହସ୍ଥଳୀ ଜନକପୁରୀ ନେପାଳର ଏକ ପବିତ୍ର ତୀର୍ଥସ୍ଥାନ। ଏଥି ସହିତ ନେପାଳର ପ୍ରାକୃତିକ ପରିବେଶ, ଉତ୍ତୁଙ୍ଗ ହିମାଳୟ ପର୍ବତ, ବିଶ୍ୱର ସର୍ବୋଚ୍ଚ ଏଭେରେଷ୍ଟ ଶୃଙ୍ଗ, ପାହାଡ଼ ପର୍ବତ, ବଣଜଙ୍ଗଲ, ଝରଣା, ନଦୀ ଓ ହିମାଳୟ ପାଦ ଦେଶରେ ଥିବା ତରାଇ ଅଞ୍ଚଳ ଅତୀବ ମନୋରମ ଓ ଚିତ୍ତାକର୍ଷକ। ଏହା ବିଶ୍ୱର ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରୁଛି।

ଈଶ୍ୱର ସର୍ବବ୍ୟାପକ, ସେ ଜଳସ୍ଥଳ ଓ ଅନ୍ତରୀକ୍ଷରେ ବ୍ୟାପୀ ରହିଛନ୍ତି। ସେହି ଏକ ଈଶ୍ୱର ସର୍ବଭୂତରେ ଓ ସର୍ବସ୍ଥାନରେ ସମାନ ଭାବରେ ଅବସ୍ଥାନ କରୁଛନ୍ତି। ଉଦିତ ସୂର୍ଯ୍ୟଙ୍କ ଅରୁଣିମାରେ, ଫୁଲର ମହକରେ, ଚନ୍ଦ୍ରଙ୍କ ଶୀତଳ ଜ୍ୟୋତ୍ସ୍ନାରେ ତାଙ୍କର ବିଭୂତିକୁ ଅନୁଭବ କରିହୁଏ। ଯାହା ଯେଉଁଠି ସୁନ୍ଦର, ଆକର୍ଷଣୀୟ, ସେଠାରେ ତାଙ୍କର ସୌନ୍ଦର୍ଯ୍ୟ ଫୁଟି ଉଠିଛି। ସେହିପରି ଅପୂର୍ବ ସୌନ୍ଦର୍ଯ୍ୟର ଗନ୍ତାଘର ଏକ ଆଧାତ୍ମିକ ପୀଠ ହେଉଛି ମନକାମନା। ମନକାମନା ନେପାଳର ଗୋର୍ଖା ଜିଲ୍ଲାରେ ରାଜଧାନୀ କାଠମାଣ୍ଡୁଠାରୁ ୧୦୬ କି.ମି. ଦୂରରେ ଏକ ରମଣୀୟ ଗିରି ଶିଖରରେ ଅବସ୍ଥିତ। ସମୁଦ୍ର ପତନଠାରୁ ୧୩୦୨ ମିଟର ଉଚ୍ଚରେ ଅବସ୍ଥିତ ମା'ମନକାମନା ଦେବୀଙ୍କ ମନ୍ଦିରକୁ ପ୍ରତିଦିନ ଶହ ଶହ ତୀର୍ଥଯାତ୍ରୀ ଦର୍ଶନ କରିବାକୁ ଆସନ୍ତି। ମନକାମନା ହେଉଛନ୍ତି ଦେବୀ ଭଗବତୀ, ଯିଏ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ। ଏହି ପର୍ବତର ପାଦଦେଶରେ ଦକ୍ଷିଣରେ ତ୍ରିଶୂଳୀନଦୀ ଓ ପଶ୍ଚିମରେ ମାର୍ସ୍ୟାଙ୍ଗୀ ନଦୀ ପ୍ରବାହିତ। ପର୍ବତ ଉପରୁ ସବୁଜ ବର୍ଣ୍ଣର ସୁନ୍ଦର ଟେରାସ ଚାଷ ଜମି, ସବୁଜ ସୁନ୍ଦର ଉପତ୍ୟକା, ଅନେକ ଛୋଟ ବଡ଼ ହିମାଳୟ ପର୍ବତମାଳା, ସର୍ପାକୃତିରେ ପ୍ରବାହିତ ଚିରସ୍ରୋତା ନଦୀ ଓ ସୁନୀଳ ଆକାଶର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଭକ୍ତ ମାନଙ୍କର ଏହି ସୁଉଚ୍ଚ ପର୍ବତ ଶିଖରକୁ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେବୀ ଭଗବତୀଙ୍କୁ ନିଜର ମନକାମନା ପୂରଣ ପାଇଁ ପ୍ରାର୍ଥନା କରିବା। ମନକାମନା ଗୋର୍ଖା ଜିଲ୍ଲାର ଏକ ବିଖ୍ୟାତ ମନ୍ଦିର। ପୂର୍ବରୁ ଏହି ମନ୍ଦିରରେ ପହଞ୍ଚିବା ଅତ୍ୟନ୍ତ କଷ୍ଟସାଧ ଥିଲା। ସେଠାକୁ ଯିବାକୁ ହେଲେ ପାଦରେ ଚାଲି ଚାଲି କିମ୍ବା ଘୋଡ଼ାରେ ଚଢ଼ି ଯିବାକୁ ପଡୁଥିଲା ଓ ପହଞ୍ଚିବାକୁ ୨ରୁ ୩ ଦିନ ଲାଗୁଥିଲା। ବର୍ତ୍ତମାନ କେବୁଲ କାର ବା ବୈଦ୍ୟୁତିକ ଦୋଳିରେ ବସି ଅତି କମ ସମୟରେ ଓ ଆରାମରେ ଭକ୍ତମାନେ ମନ୍ଦିରରେ ପହଞ୍ଚି ପାରୁଛନ୍ତି। ଗୋର୍ଖାରାଜା ରାମସାହାଙ୍କ ରାଣୀ ସ୍ୱୟଂ ଦେବୀ ଭଗବତୀ ବୋଲି ତାଙ୍କର ଜଣେ ଭକ୍ତ ସେହି ରାଜ୍ୟର ଲକ୍ଷ୍ମଣ ଥାପାଙ୍କୁ ଜଣାଇଥିଲେ। ଦିନେ ରାଜା ନିଜେ ତାଙ୍କ ରାଣୀଙ୍କୁ ଦେବୀ ରୂପରେ ଦର୍ଶନ କଲେ। ଏକଥା ସେ ଲକ୍ଷ୍ମଣ ଥାପାଙ୍କୁ କହିଲେ ଓ ତାର ଅଳ୍ପ ଦିନ ପରେ ରାଜାଙ୍କର ଦେହାନ୍ତ ହେଲା। ସେ ସମୟର ରୀତି ଅନୁସାରେ ରାଣୀ ସତୀ ହୋଇ ରାଜାଙ୍କ ଜୁଇରେ ଝାସ ଦେଲେ।

ରାଣୀଙ୍କ ମୃତ୍ୟୁରେ ଲକ୍ଷ୍ମଣ ଥାପା ବହୁତ କାନ୍ଦିଲେ। ଫଳରେ ରାଣୀ ତାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ ଯେ ସେ ପୁଣି ତାହାଙ୍କ ଘର ନିକଟରେ ଖୁବ୍ ଶୀଘ୍ର ଆବିର୍ଭୂତ ହେବେ। ଛ'ମାସ ପରେ ଧନ୍ଧୋଜ ଥାପା ନାମକ ଜଣେ କୃଷକ ଜମିରେ ଚାଷ କଲାବେଳେ ଗୋଟିଏ ପଥର ଝୁଣ୍ଟିଲେ ଏବଂ ସେହି ପଥରରୁ ରକ୍ତ ଓ କ୍ଷୀର ଝରିବାକୁ ଲାଗିଲା। ଏହା ଜାଣିବା ପରେ ଲକ୍ଷ୍ମଣ ଥାପା ସେଠାରେ ପହଞ୍ଚି ପୂଜା ଅର୍ଚ୍ଚନା କରିବାରୁ ରକ୍ତ ଓ କ୍ଷୀର ଝରିବା ବନ୍ଦ ହେଲା। ସେହି ପବିତ୍ର ସ୍ଥାନରେ ବର୍ତ୍ତମାନର ମନକାମନା ମନ୍ଦିର ଅବସ୍ଥିତ। ବର୍ତ୍ତମାନର ପୂଜକ ଇନ୍‌ସାନ ଥାପା ମଗର ହେଉଛନ୍ତି ଲକ୍ଷ୍ମଣ ଥାପାଙ୍କର ଏକୋଇଶତମ ବଂଶଧର। ମନକାମନା ଦେବୀଙ୍କର ମନ୍ଦିର ଗଢ଼ାଯିବା ପରେ ବିଭିନ୍ନ ସମୟରେ ବିଭିନ୍ନ ରାଜାମାନଙ୍କ ଦ୍ୱାରା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇଛି। ବର୍ତ୍ତମାନ ଏହା ଏକ ଚାରି ମହଲା ବିଶିଷ୍ଟ ପାଗୋଡ଼ା ପରି ନିର୍ମିତ ମନ୍ଦିର। ଏଠାରେ ପୂଜାରୀ ସକାଳୁ ରୁଦ୍ଧଦ୍ୱାର କରି ପୂଜା ଅର୍ଚ୍ଚନା, ମନ୍ତ୍ରପାଠ ଓ ପ୍ରାର୍ଥନା କରନ୍ତି।

ପୂଜକ ପୂଜା ସାରିଲା ପରେ ଭକ୍ତମାନେ ଧାଡ଼ିରେ ଯାଇ ଦର୍ଶନ କରନ୍ତି। ଏଠାରେ ଭକ୍ତମାନେ ଦେବୀଙ୍କୁ ନଡ଼ିଆ, କମଳା, ଚାଉଳ, ସିନ୍ଦୂର, ଚୁଡ଼ି ଓ ଫୁଲ ଇତ୍ୟାଦି ଅର୍ପଣ କରି ପୂଜା ଅର୍ଚ୍ଚନା କରନ୍ତି। ଭକ୍ତମାନେ ମନକାମନା କରି ନାଲିକନାର ପଟି ଦେବୀଙ୍କୁ ଅର୍ପଣ କରନ୍ତି ଓ ମନ୍ଦିର ବେଢ଼ାରେ ବାନ୍ଧନ୍ତି। ଏଠାରେ ବୈଶାଖ ଓ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଓ କୃଷ୍ଣପକ୍ଷ ପଞ୍ଚମୀ ଓ ଅଷ୍ଟମୀ ତିଥିରେ ମା'ଙ୍କୁ ବିଶେଷ ପୂଜାଅର୍ଚ୍ଚନା କରାଯାଏ। ଏହାଛଡ଼ା ଶ୍ରାବଣ ମାସ ସଂକ୍ରାନ୍ତି ଓ ନବରାତ୍ରୀରେ ବହୁ ଆଡ଼ମ୍ବର ଓ ନୀତି ନିୟମରେ ଦେବୀଙ୍କର ପୂଜା ଅର୍ଚ୍ଚନା କରାଯାଏ। ପ୍ରତି ଏକାଦଶୀ, ଅମାବାସ୍ୟା ଓ ମହାଶିବରାତ୍ରୀ ଦିନ ଦେବୀଙ୍କ ନିକଟରେ ବଳି ଚଢ଼ାଯାଏ ନାହିଁ। ଏହାଛଡ଼ା ଅନ୍ୟ ଦିନମାନଙ୍କରେ ଦେବୀଙ୍କର ପୂଜା ସରିବା ପରେ ବଳି ଚଢ଼ାଯାଏ।

ମନକାମନା ପର୍ବତ ଶିଖରକୁ ଯିବା ପାଇଁ ଯାତ୍ରୀମାନଙ୍କ ପାଇଁ ୩୧ଟି ଓ ପଣ୍ୟ ପରିବହନ କରିବା ପାଇଁ ୩ଟି ଅତ୍ୟାଧୁନିକ କେବୁଲକାର ବା ଦୋଳା ଲାଗିଛି। ମନକାମନା କେବୁଲ କାର ୧୯୯୮ ମସିହା ନଭେମ୍ବର ୨୪ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଲକ୍ଷ୍ମଣ ବାବୁ ଶ୍ରେଷ୍ଠା। ତ୍ରିଶୁଳୀ ନଦୀ କୂଳରେ ଅବସ୍ଥିତ କୁରନ୍ତିର ଠାରେ ଏହାକୁ ଅବସ୍ଥାପିତ କରାଯାଇଛି। ମନକାମନା ନେପାଳର ରାଜଧାନୀ କାଠମାଣ୍ଡୁ ଠାରୁ ୧୦୬ କି.ମି. ଓ ପୋଖରାଠାରୁ ୯୪ କି.ମି. ଦୂରରେ ଅବସ୍ଥିତ। ମନକାମନା ପର୍ବତ ଶିଖରକୁ ଯିବା ପାଇଁ ୨୮୦ ମିଟର ଓ ସମୁଦାୟ ୩୦୨୩.୭୫ ମିଟର କେବୁଲ ଦୂରତ୍ୱ ଏହି ଦୋଳିରେ ବସି ଅତିକ୍ରମ କରିବାକୁ ପଡ଼େ। ପ୍ରତି ଛଅ ଘଣ୍ଟାରେ ଛଅ ଶହ ଯାତ୍ରୀ ପାହାଡ଼ ତଳୁ ଯାଇ ମନ୍ଦିର ନିକଟରେ ପହଞ୍ଚି ପାରିବେ। ପ୍ରତ୍ୟେକ ଦୋଳାରେ ଛଅ ଜଣ ଯାତ୍ରୀ ବସି ଯାଇପାରିବେ। ଏହି ଦୋଳାର ଗତି ପ୍ରତି ସେକେଣ୍ଡକୁ ଛଅ ମିଟର ଓ ଏଥିପାଇଁ ପ୍ରତି ଦୋଳା ୧୦ ମିନିଟ ସମୟ ନେଇଥାଏ। ପର୍ବତ ଶିଖରରେ ପହଞ୍ଚିବା ପାଇଁ ୨୦ଟି ଟାୱାର ବସାଯାଇଛି। ଏହିଠାରେ ୮୦୦ କିଲୋୱାଟର ଅତ୍ୟାଧୁନିକ ଜେନେରେଟରର ବ୍ୟବସ୍ଥା ଅଛି। ଆରମ୍ଭରେ ୫୨୩ କିଲୋୱାଟ ଓ ପରେ ୪୨୦ କିଲୋୱାଟ ଶକ୍ତିର ଆବଶ୍ୟକତା ପଡ଼େ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି କେବୁଲ କାର ସିଷ୍ଟମ ଅଷ୍ଟ୍ରିୟାର ବୈଜ୍ଞାନିକମାନଙ୍କ ଦ୍ୱାରା ନିର୍ମିତ। ଶିକ୍ଷିତ ତାଲିମପ୍ରାପ୍ତ କର୍ମଚାରୀମାନେ ଏହି କେବଲ କାରକୁ ପରିଚାଳନା କରନ୍ତି। ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଏହି କେବୁଲ କାର ମଜା ନେବା ପାଇଁ ମନକାମନା ଆସନ୍ତି। କେବଲ କାରରେ ଯିବା ପାଇଁ ପ୍ରତ୍ୟେକ ଯାତ୍ରୀଙ୍କୁ ୪୭୫ ନେପାଳ କରେନ୍‌ସି ଦେବାକୁ ପଡ଼େ। ଏହା ମନକାମନା ତଥା ନେପାଳର ଆର୍ଥିକ ଉନ୍ନତିରେ ବହୁମାତ୍ରାରେ ସାହାଯ୍ୟ କରେ। ଏହି ଦୋଳାରେ ବସି ଯାତ୍ରା କରିବା ଅତ୍ୟନ୍ତ ଆନନ୍ଦଦାୟକ ଓ ରୋମାଞ୍ଚକର।

ମନକାମନା ସୁସ୍ୱାଦୁ ରସାଳ କମଳା ପାଇଁ ପ୍ରସିଦ୍ଧ। ଏହି ଅଞ୍ଚଳରେ ପର୍ଯ୍ୟଟକମାନେ ଟ୍ରେକିଂ, ପାରାଗ୍ଲାଇଡ଼ିଂ, ସାଇକେଲ ଚାଳନାର ମଜା ନିଅନ୍ତି। ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଅତ୍ୟନ୍ତ ମନୋରମ। ଶୀତଦିନେ ପର୍ବତ ଶିଖରରେ ବରଫ ଆଚ୍ଛାଦନ ଓ ତା' ଉପରେ ସକାଳର ସୂର୍ଯ୍ୟ କିରଣର ଛଟା ଅତ୍ୟନ୍ତ ଉପଭୋଗ୍ୟ। ଏହା ସମୁଦ୍ର ମଧ୍ୟରେ ଛୋଟ ଛୋଟ ଦ୍ୱୀପ ପରି ପ୍ରତୀୟମାନ ହୁଏ। ବାସ୍ତବିକ ଏପରି ଏକ ପ୍ରସିଦ୍ଧ ସ୍ଥାନକୁ ଖରା ଛୁଟିରେ ପରିବାର ସହ ଯାତ୍ରାକରି ନିଜକୁ ଭାଗ୍ୟବାନ ମନେକରୁଛି। ମା'ମନକାମନା ଭକ୍ତମାନଙ୍କର ମନବାଞ୍ଛା ପୂରଣ କରନ୍ତୁ। ଜୟ ମା'ମନକାମନା।

*-ପ୍ଲଟ ନଂ-୧୦୮୨/ଡି, ମର୍କତନଗର, ସିଡିଏ, ସେକ୍ଟର-୬, କଟକ, ଦୂରଭାଷ: ୯୮୬୧୩୫୫୬୨୮*



# ମୋ ଗାଁ

## ଖଳିସାହି ପାନୀୟ ଜଳ ପ୍ରକଳ୍ପ ପମ୍ପ ହାଉସ ଭୁଷୁଡିଲା, ୨ଟି ବାଇକ କ୍ଷତିଗ୍ରସ୍ତ




ଖଣ୍ଡପଡ଼ା : ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ପାନୀୟ ଜଳ ପ୍ରକଳ୍ପ ପମ୍ପ ହାଉସଟି ଗୁରୁବାର ବିଳମ୍ବିତ ରାତିରେ ପାଖାପାଖି ୧୫ ଫୁଟ ତଳକୁ ଦବିଯାଇ ସମ୍ପୁର୍ଣ୍ଣ ଭୁଷୁଡି ପଡିଛି । ପମ୍ପ ହାଉସ ପରିସରରେ ଥିବା ୨ଟି ବାଇକ ସିମେଂଟ କଂକ୍ରିଟ ଛାତ ତଳେ ଚାପି ହୋଇ ରହି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଖଳିସାହି ପଂଚାୟତ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୯୭୨ ମସିହାରେ ସ୍ଥାପିତ ହୋଇଥିବା ଏହି ପାନୀୟ ଜଳ ପ୍ରକଳ୍ପଟି ପରବର୍ତୀ ସମୟରେ ଖଣ୍ଡପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଥିଲା । ଦିର୍ଘ ୪୯ ବର୍ଷ ପରେ ପାନୀୟ ଜଳ ପ୍ରକଳ୍ପଟି ଭାଙ୍ଗି ମାଟିରେ ମିଶି ଯାଇଥିବା ବେଳେ ସୌଭାଗ୍ୟ ବଶତଃ ପମ୍ପ ହାଉସ ରାତ୍ରୀ ଜଗୁଆଳୀ ନିଶ୍ଚିତ ଏକ ବଡ ଅଘଟଣରୁ ବର୍ତୀ ଯାଇଥିବା ସୂଚନା ମିଳିଛି । ପମ୍ପ ହାଉସ ରାତ୍ର ଜଗୁଆଳିର ଘର ସେହି ନିକଟରେ ହୋଇଥିବାରୁ ଓ ସେ ଗୁରୁବାର ରାତିରେ ନିଜ ଘରେ ଶୋଇଥିବା ଜଣାପଡିଛି । ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ସୂଚନା ପାଇ ଖଣ୍ଡପଡା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଇଂ ସୁବ୍ରତ କୁମାର ସାହୁ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ କ୍ଷୟକ୍ଷତିର ପରିମାଣ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି ।

## ବନ୍ୟଜନ୍ତୁ ଶୀକାର ଅଭିଯୋଗରେ ୩ ଗିରଫ

କେନ୍ଦୁଝର: ଭୂଆଁ ଜୁଆଙ୍ଗ ପୀଢ ଶୁଆକାଟୀ ସେକ୍ସନ କୁଶକଳା ବିଟ ରୁଗୁଡିସାହି ଛକରେ କୁଟାରୀ ମାଂସ ବିକ୍ରୀ ଅଭିଯୋଗରେ ବନ ବିଭାଗ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କଲଣ୍ଡା ଡିପିଏଫ ଜଙ୍ଗଲରୁ କୁଟାରୀ ଶୀକାର କରି ରୁଗୁଡିସାହି ଛକରେ ବିକ୍ରୀ କରୁଥିବା ବନ ବିଭାଗ ସୂଚନା ପାଇଥିଲା । ଶୁକ୍ରବାର ଦିନ ସକାଳେ ବନ ବିଭାଗର ଏକ ଟିମ୍ ଗ୍ରାହକ ବେଶରେ ଯାଇ ମାଂସ କିଣିବା ଆଳରେ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି । ସାଧା ପୋଷାକରେ ଅଧା କିଲୋ ମାଂସ ୩ଶହ ଟଙ୍କାରେ କିଣିବା ପାଇଁ ମୂଲଚାଲ କରିବା ପରେ ଶୀକାରୀମାନେ ମାଂସ ଦେବା ପରେ ସେମାନଙ୍କୁ ମାଡି ବସିଥିଲେ । ଶୀକାରୀଙ୍କୁ ଧରିବା ସମୟରେ ରେଞ୍ଜର ମାନସ କୁମାର ମୁର୍ମୁ, ଶୁଆକାଟୀ ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡ ବୁଲୁ ନାହକ, ମଧୁସ୍ମିତା ଦୋରା ପ୍ରମୁଖ ସାମିଲ ଥିଲେ । ଗିରଫ ସୁଲେମାନ କମାଲ(୩୮), ହନୁକ ଜୀବନ ହାସାଁ(୩୨)ଙ୍କ ଘର ଅନୁଗୁଳ ଜିଲ୍ଲା ବାରାହଇହା ଗ୍ରାମରେ ହୋଇଥିବାବେଳେ ମଧୁସୂଦନ ସାଉଁଟା(୩୫)ଙ୍କ ଘର ଅନୁଗୁଳ ଜିଲ୍ଲା ବରୁଣାଡିହି ଗ୍ରାମରେ ବୋଲି ଜଣାପଡିଛି । ଗିରଫ ୩ଜଣଙ୍କ ଠାରୁ କିଲୋ ମାଂସ ସହ ଧନୁତୀର, ଛୁରୀ ଜବତ୍ କରାଯାଇଛି । ଏହା କୁଟାରୀ ମାସଂ ବୋଲି ଜଣାପଡିଥିଲେ ହେଁ ଫରେନସିକ ଯାଂଚ ପାଇଁ ଲୋମ, ମାସଂ ପଠାଯିବ ଯିବ ବୋଲି ରେଞ୍ଜ ମାନସ କୁମାର ମୁର୍ମୁ ସୂଚନା ଦେଇଛନ୍ତି । କୁଟାରୀ ବନ୍ୟପ୍ରାଣୀ ସିଡ୍ୟୁଲ ୩ ବିଭାଗରେ ଯାଉଥିବାରୁ ଦୋଷ ପ୍ରମାଣିତ ହେଲେ ସର୍ବାଧିକ ୭ ବର୍ଷ ଜେଲ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ।

## ଏଡସ୍ ରୋଗିଙ୍କୁ କୋଭିଡ୍ ଟୀକା କରଣ



ବାଲିଅନ୍ତା : ରାଜଧାନୀ ଉପକଣ୍ଠସ୍ଥ ବାଳକାଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ମହାମାରୀ କରୋନ ସମୟରେ ବିଭିନ୍ନ ବୟସର ଜନସାଧାରଣଙ୍କୁ ପ୍ରତିରୋଧକ ଟୀକା ଯୋଗାଇ ଦିଆ ଯାଉଥିବା ବେଳେ ପ୍ରଥମ କରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ତନ୍ମୟ ତ୍ରୀପାଠୀଙ୍କ ଉଦ୍ୟମାରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ଅଂଚଳରେ ଥିବା ଏଡସ୍ ଆକ୍ରାନ୍ତ ରୋଗୀମାନଙ୍କର ହିତ ଦୃଷ୍ଟିରୁ ସେମାନଙ୍କ ନାମ ଓ ଠିକଣା ଗୋପନ ରଖାଯାଇ ୧୩ଜଣ ବ୍ୟକ୍ତିଙ୍କୁ କୋଭିଡ୍ ଟୀକା ପ୍ରଦାନ କରାଯାଇଛି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ଓ ସ୍ୱତନ୍ତ୍ର ବିଧି ବ୍ୟବସ୍ଥାରେ ଟୀକା ପ୍ରଦାନ କରାଯାଇଥିଲା । ଡାକ୍ତର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ ଏଡସ୍ ରୋଗୀଙ୍କର କମ୍ ପ୍ରତିରୋଧକ ଶକ୍ତି ଥିବାରୁ ସେମାନଙ୍କୁ ଅଧିକ ମାତ୍ରାରେ କୋଭିଡ୍ ବ୍ୟାପିବାର ସମ୍ଭାବନା ରହିଛି । ଯାହା ଫଳରେ ସେମାନଙ୍କ ପରିବାର ଓ ଆଖପାଖ ଜନସାଧାରଣ ପ୍ରଭାବିତ ହେବେ । ଏ ନେଇ ଏଡସ୍ ସଂକ୍ରମିତ ରୋଗୀ ଅଧିକରୁ ଅଧିକ ଟୀକା ନେବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଆହ୍ୱାନ କରିଛନ୍ତି । ଏହି ଟୀକାକରଣ ଶିବିରରେ ଡଃ ମାନବ ମଧୁଜିତ୍ ସହଯୋଗ କରିଥିଲେ ।

## ଫୁଟବଲ ଖେଳାଳୀଙ୍କୁ ରୁଙ୍ଗଟା କମ୍ପାନୀ ପକ୍ଷରୁ ଖେଳ ସାମଗ୍ରୀ ପ୍ରଦାନ

ଯୋଡା: କେନ୍ଦୁଝରର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଅଞ୍ଚଳରେ ଦୀର୍ଘବର୍ଷ ଧରି ଖଣି ମାଲିକ ଭାବେ କାର୍ଯ୍ୟରତ ରୁଙ୍ଗଟା କମ୍ପାନୀ ବିଭିନ୍ନ ସାମାଜିକ ଓ ଉନ୍ନତିମୂଳକ କାର୍ଯ୍ୟକ୍ରମ ସହ ଖେଳ ଏବଂ ଖେଳାଳୀ ମାନଙ୍କ କ୍ଷେତ୍ରରେ ସହଯୋଗର ହାତ ବଢାଇବା ସଭିଙ୍କୁ ଜଣା । ଖଣି ନିଲାମୀ ପ୍ରକ୍ରିୟା ମାଧ୍ୟମରେ କମ୍ପାନୀ ହାତରୁ ଖଣି ଚାଲିଯିବା ସତ୍ତ୍ୱେବି ଏହି କମ୍ପାନୀ ନିଜର ସାମାଜିକ ଦାୟିତ୍ୱବୋଧ ଭୁଲିନାହିଁ । ଯାହାର ଉଦାହରଣ ଦେଖିବାକୁ ମିଳିଛି କାରାକୋହ୍ଲା ପ୍ଲାଣ୍ଟ ପରିସରରେ । ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଆବଶ୍ୟକ ଖେଳସାମଗ୍ରୀ ଯଥା ଜର୍ସି, ଫୁଟବଲ, ଜୋତା ଓ ଗ୍ଲୋଭ୍ସ ଆଦି ନିକଟସ୍ଥ ଯୁବ କ୍ଲବ ସଦସ୍ୟ ମାନଙ୍କୁ ପ୍ରଦାନ କରିଛି । ରୁଙ୍ଗଟା ମାଇନ୍ସ ଲିମିଟେଡର ସ୍ୱ ଆଇରନ ଡିଭିଜନ କାରାକୋହ୍ଲାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଏହି ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା । ରୁଙ୍ଗଟା ମାଇନ୍ସ ଲିମିଟେଡ ସ୍ଥାନୀୟ ଅଞ୍ଚଳର କ୍ରୀଡ ପ୍ରତି ନିଜର ସହଯୋଗ ଜଣାଇ ଏହି ଖେଳ ସାମଗ୍ରୀ ପ୍ରଦାନ କରିଥିଲେ ।

## ତହସିଲ ପକ୍ଷରୁ ଜବର ଦଖଲ ଉଚ୍ଛେଦ

ଘଷିପୁରା: ଘସିପୁରା ତହସିଲ ଖାଳିଆମେଣ୍ଟା ରାଜସ୍ୱ ସର୍କଲ ନିପାଣିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହୋଇଥିବା ଜବର ଦଖଲକୁ ଉଚ୍ଛେଦ କରାଯାଇଛି । ସୂଚନା ଅନୁସାରେ ନିପାଣିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ କିଛି ବ୍ୟକ୍ତି ଦୀର୍ଘଦିନ ଧରି ଉଠା ଦୋକାନ କରି ନାନାଦି ସମସ୍ୟା ସୃଷ୍ଟି କରୁଥିଲେ । ଯାହାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ । ଉକ୍ତ ଅଭିଯୋଗ ଆଧାରରେ ଗତ ଗୁରୁବାର ଘଷିପୁରା ତହସିଲଦାର ବାବୁଲୁ କୁମାର ପେରେଇ, ସ୍ଥାନୀୟ ରାଜସ୍ୱ କର୍ମଚାରୀ ଏବଂ ଆରକ୍ଷୀ ଅଧିକାରୀଙ୍କ ସହାୟତାରେ ଉକ୍ତ ଜବରଦଖଲ ଉଚ୍ଛେଦ କରିଥିବା ଜଣାପଡିଛି ।

## ମର୍ଦ୍ଦରାଜପୁର ଗ୍ରାମରୁ ଚୋରୀ

ଖଣ୍ଡପଡ଼ା:ଖଣ୍ଡପଡା ଥାନା ଅଧିନ ମର୍ଦ୍ଦରାଜପୁର ଦଣ୍ଡାସାହି ବାସିନ୍ଦା ସୁରେଶ ଚନ୍ଦ୍ର ରାଉତଙ୍କ ଘରୁ ଦୁର୍ବୃତମାନେ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ସମେତ ୨ଟି ସାଇକେଲ ଚୋରୀ କରି ନେଇଥିବା ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତମାନେ ଘରର ପଛପାଖ କବାଟ ଭାଙ୍ଗି ଘରେ ପ୍ରବେଶ କରିବା ସହ ଗଦରେଜ ଆଲମିରା ଭାଙ୍ଗି ସୁନା, ରୁପା ଗହଣା ସମେତ ନଗଦ ଡ୍ରରେ ଥିବା ୫ହଜାର ଟଙ୍କା ଲୁଟି ନେଇଛନ୍ତି । ଦୁର୍ବୃତମାନେ ସଂଘବଦ୍ଧ ଭାବେ ଲୁଟପାଟ କରିଥିବା ଅନୁମାନ କରାଯାଉଛି । ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ



ପୋଲିସ ଟିମ ଘଟଣା ସ୍ଥଳରେ ପହଁଚି ତଦନ୍ତ ଚଳାଇଥିବା ବେଳେ ଏହି ଘଟଣାରେ ସ୍ଥାନୀୟ ଅଂଚଳର କେତେକ ଅସାମାଜିକ ବ୍ୟକ୍ତିଙ୍କ ହାତ ଥିବା ନେଇ ପୋଲିସ ସନ୍ଦେହ କରୁଛି । ତେବେ ଚୋରୀ ଯାଇଥିବା ସୁନା, ରୁପା ଗହଣାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ଖଣ୍ଡପଡା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି ।

## କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା, (ପିଏନ) : କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ୍ ପ୍ରତ୍ୟାହାର ଦାବିରେ କୋଇଡା ବ୍ଲକ୍ କଂଗ୍ରେସ ତରଫରୁ ଆଜି ଏକ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ କଂଗ୍ରେସର ପୂର୍ବତନ ଜୋନ ସଭାପତି ଅନୀଲ ଏକ୍କା, ନୂଆଗାଁ କୃଷକ କଂଗ୍ରେସ ସଭାପତି ପ୍ରକାଶ ସାହୁ ଓ କଂଗ୍ରେସ ନେତା ସୁଲେମାନ କାଉଡିଆଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷକ ଆନ୍ଦୋଳନ ସ୍ୱତନ୍ତ୍ର କମିଟିର ଜିଲ୍ଲା ଅଧକ୍ଷ ତଥା ନବନିଯୁକ୍ତ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରର ପ୍ରଣୀତ କୃଷି ଆଇନ୍ ଦେଶର କୃଷି ଓ କୃଷକ ବିରୋଧି ଆଇନ୍ ବୋଲି କହିଥିଲେ । ଏହି ଆଇନ୍ ଦ୍ୱାରା ମଣ୍ଡି ଓ ଲ୍ୟାମ୍ପସ୍ ବ୍ୟବସ୍ଥା ଉଚ୍ଛେଦ ହେବା ସହିତ ଚାଷୀମାନଙ୍କୁ ସେମାନଙ୍କ ଫସଲର ସହାୟକ ମୂଲ୍ୟ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ । ନୂଆ

କୃଷି ନୀତିରେ କେନ୍ଦ୍ର ସରକାର କୃଷକମାନଙ୍କ ନିକଟରେ ପୁଞ୍ଜିପତି କର୍ପୋରେଟ୍ ସେକ୍ଟରର ଏଜେଣ୍ଟମାନଙ୍କୁ ପହଞ୍ଚିବାର ବ୍ୟବସ୍ଥା କରିଥିବାରୁ ଆଗାମୀ ଦିନରେ କ୍ଷୁଦ୍ର ଓ ନାମମାତ୍ର ତଥା ଭାଗଚାଷୀଙ୍କ ଜମି ଉପରେ




କର୍ପୋରେଟ୍ ସେକ୍ଟରର ପୁଞ୍ଜିପତିମାନଙ୍କ ନିୟନ୍ତ୍ରଣ ରହିବ ବୋଲି ଶ୍ରୀ ତିର୍କୀ କହିଥିଲେ । ନୂଆ କୃଷି ନୀତିରେ ସରକାର କିମ୍ବା ସରକାରୀ ସଂସ୍ଥା କୃଷକମାନଙ୍କ ଠାରୁ ସେମାନଙ୍କ ଉତ୍ପାଦିତ ଫସଲ କିଣିବା ପାଇଁ କୌଣସି ପ୍ରାବଧାନ ରଖିନାହାଁନ୍ତି । ଫଳରେ ଆଗାମୀ ଦିନରେ ଭାରତୀୟ ଖାଦ୍ୟ ନିଗମ କର୍ତ୍ତୃପକ୍ଷ କୋଟି କୋଟି ଚାଷୀଙ୍କ ନିକଟରେ ସିଧାସଳଖ ପହ?ି ସେମାନଙ୍କ ଠାରୁ ଫସଲ କିଣିବା ଆଦୌ ସମ୍ଭବ ହେବନାହିଁ । ସରକାରୀ ସଂସ୍ଥା ଚାଷୀଙ୍କ ଠାରୁ ଖାଦ୍ୟ ଶସ୍ୟ ନ କିଣିଲେ ସାଧାରଣ ବ?ନ ବ୍ୟବସ୍ଥା ପ୍ରଭାବିତ ହେବ । ଏହାହେଲେ ଗରିବ ଲୋକମାନଙ୍କୁ କିପରି ସୁଲଭ ମୂଲ୍ୟରେ ସରକାର ଖାଦ୍ୟଶସ୍ୟ ଯୋଗାଇ ଦେବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରିଥିଲେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା କୃଷି ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର କରି ଭବିଷ୍ୟରେ ପ୍ରଭାବିତ ହେବାକୁ ଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବୀରମିତ୍ରପୁର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍ ଦେଶରେ ଖାଦ୍ୟଶସ୍ୟର ନିଅ?ିଆ ପରିସ୍ଥିତି ସୃଷ୍ଟି କରିବା ସହ ଦରଦାମ୍ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । କାରଣ କର୍ପୋରେଟ୍ ସେକ୍ଟରର ଏଜେ?ମାନେ ଚାଷୀଙ୍କ ଠାରୁ ଅମଳ ସମୟରେ କମ୍ ମୂଲ୍ୟରେ ଖାଦ୍ୟଶସ୍ୟ କିଣି ଏହାକୁ ଗଚ୍ଛିତ ରଖିବା ଦ୍ୱାରା ବଜାରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ । ଏଭଳି ପରିସ୍ଥିତିରେ ସେମାନେ ଏହାର ଫାଇଦା ଉଠାଇ ଗଚ୍ଛିତ ଖାଦ୍ୟଶସ୍ୟକୁ ଚଢା ଦରରେ ବିକ୍ରି କରିବାର ପଥ ସୁଗମ ହେବ ବୋଲି କହିଥିଲେ । ଫଳରେ ସବୁଶ୍ରେଣୀର ଲୋକେ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ ସ୍ୱେଚ୍ଛାଚାରୀ ମୋଦି ସରକାରର ଏହି କଳା କୃଷି ଆଇନ୍‌କୁ ସମସ୍ତେ ମିଳିମିଶି ଦୃଢ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂଆଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାଉରକେଲା ଓବିସି ଅଧକ୍ଷ କୈଳାସ ସାହୁ, ପ୍ରକାଶ ସାହୁ, ସୁଲେମାନ କାଉଡିଆ, ଅନୀଲ କେର୍କେଟା, ସୁକ୍ରୁ ଅହିର, ଅନୀଲ ଏକ୍କା, ସୋମରା ତିର୍କୀ, ଶରତ ବେହେରା, ଆନନ୍ଦମାସି ଜଦିଆ, ବାସିଲ ଯୋଯୋ, ଟୁନୁର ଟପ୍ପୋ, ସୁରଜ ସାହୁ, ଜୁଏଲ କାଣ୍ଡୁଲନା, ରାମୁ ବଡାଇକ, ନିକୁ କେଶରୀ, ବେଲା ଓରାମ, ବୁତରୁ ଓରାମ, କିଶୋର କୁମାର ଏକ୍କା, ଅଜିତ ବୁଡ, ଅଗୁଷ୍ଟିନ କାଣ୍ଡୁଲନା, ଅନୀଲ ଖଣ୍ଡୁଆଳ, ଜୁଏଲ ଭେଙ୍ଗରା, ସୁରଜ ତିର୍କୀ, ଧିରଜ ତିର୍କୀ, ପ୍ରକାଶ ତିର୍କୀ, ସୁଜିତ କୁଜୁର, ସଂଯୁକ୍ତା ଲାକ୍ରା, ସସ୍ମିତା ମୁଣ୍ଡା, ସହାୟ କେର୍କେଟା, ରାଧେ ପ୍ରଧାନ, ପ୍ରମିଳା ମୁଣ୍ଡା, ମଙ୍ଗଳ ଟପ୍ପୋ, କୋଣ୍ଡା କୁମ୍ଭାର, ଜୁନୁଲ ଖାଡିଆ, ଏଚ୍. ସୁରିନ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ସାମିଲ୍ ଥିଲେ ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ର ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଝକ୍ଷଣ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ତ୍ର ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

## ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ : ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୂଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ?ୟସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୂଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ୱ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟରରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୁଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ଜଳସମ୍ପଦର ସୁରକ୍ଷା ଲାଗି ଦୀର୍ଘମିଆଦୀ ଯୋଜନା ଆବଶ୍ୟକ

ଭୁବନେଶ୍ୱର (ପିଏନ୍): ଦେଶରେ ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଥିବାରୁ କିପରି ତା'ର ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ସୁପାରିଶ କରିବାକୁ ବିଭାଗ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି। ଜଳସମ୍ପଦର ସୁରକ୍ଷା ଲାଗି ବିଶେଷ ଭାବରେ ଭୂତଳ ଜଳର ସଂରକ୍ଷଣ ସକାଶେ ଆଇନଗତ ପଦକ୍ଷେପ ନେବା ଏହାର ଉଦ୍ଦେଶ୍ୟ। ଦେଶରେ ଜଳସମ୍ପଦକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଉଥିବା ବେଳେ ସେଥିରେ ଭୂତଳ ଜଳର ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ମିଳୁଥିବାବେଳେ ଜଳସେଚନ ପାଇଁ ବ୍ୟବହୃତ ୬୫ ପ୍ରତିଶତ ଜଳ ଏହି ସୂତ୍ରରୁ ଅଣାଯାଉଛି। ଜଳର ଚାହିଦା ଦ୍ରୁତ ଗତିରେ ବଢୁଥିବାରୁ ଓ ଦେଶର ଅଧିକାଂଶ ଅଞ୍ଚଳରେ ଭୂତଳ ଜଳସ୍ତର ବିପଜ୍ଜନକସ୍ତରକୁ ଖସି ଆସିଥିବା କାରଣରୁ ଦିଗଟି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ସମ୍ବିଧାନରେ ଜଳ ରାଜ୍ୟ ତାଲିକାରେ ରହିଛି। କିନ୍ତୁ ଏବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିପାରିବା ଭଳି ଏକ ଆଦର୍ଶ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଏହି ମଡ଼େଲ ବିଲରେ ଭୂତଳ ଜଳର ସଂରକ୍ଷଣ, ସୁରକ୍ଷା, ନିୟନ୍ତ୍ରଣକୁ ପରିଚାଳନା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ। ଏ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ପ୍ରତିକାର ବ୍ୟବସ୍ଥା ରଖାଯିବ। ସାଧାରଣ ବିତର୍କ କରାଯାଇ ଏ କ୍ଷେତ୍ରରେ କଡ଼ା ବ୍ୟବସ୍ଥା ରଖାଯିବାକୁ ଚିନ୍ତା କରାଯାଉଛି। ଏଥିରେ ରହିଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ବିବାଦ ଉପୁଜିପାରେ ଯଦିଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଭୂତଳ ଜଳର ମନଇଛା ବ୍ୟବହାର ଉପରେ କଟକଣା ରହିବା ଉଚିତ। ଏବେ ଜମି ମାଲିକ ଭୂମିତଳେ ଥିବା ଜଳକୁ ଇଚ୍ଛା ଅନୁସାରେ ବ୍ୟବହାର କରିପାରିବେ। ତାହା ଉପରେ କୌଣସି ସୀମା ବା ନିୟନ୍ତ୍ରଣ ରଖାଯାଇନାହିଁ। ସରକାର ଏବେ ଭୂତଳ ଜଳର ମାଲିକାନା ବା ଆଇନଗତ ସ୍ଥିତିକୁ ବଦଳାଇବାକୁ ଚାହାନ୍ତି। ଅର୍ଥାତ୍ ଭୂତଳ ଜଳକୁ ସମୂହ ପ୍ରାକୃତିକ ସମ୍ପଦ ଭାବେ ବିବେଚନା କରାଯିବ। କାରଣ ସାଧାରଣ ଜୀବନ, ଜୀବିକା ଓ ପରିବେଶ ସହ ଏହାର ନିବିଡ଼ ସମ୍ପର୍କ ରହିଛି। ଆଉ ଏକ ପ୍ରସ୍ତାବ ହେଲା ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକ ସର୍ବସାଧାରଣଙ୍କ ସହଯୋଗ ଓ ଅନୁମୋଦନ ନେଇ ଭୂତଳ ଜଳର ପରିଚାଳନା କରିବାକୁ କ୍ଷମତାପ୍ରାପ୍ତ ହେବେ। ପିଇବା ପାଣି ବ୍ୟତୀତ ଅନ୍ୟ କାମ ପାଇଁ ଜଳର ରିସାଇକ୍ଲିଂ ଓ ପୁନଃ ବ୍ୟବହାର ଲାଗି ସମ୍ପୃକ୍ତ ସରକାର ପଦକ୍ଷେପ ନେବାକୁ ଆଇନରେ ପ୍ରସ୍ତାବ ରଖାଯାଇଛି। ଉମା ଭାରତୀ ଯୁକ୍ତି କରିଛନ୍ତି ଏମାନଙ୍କ ଉପରେ ନିର୍ଦ୍ଦିଷ୍ଟ କଟକଣା ରହୁ ଏବଂ ଶିଳ୍ପ ଗୁଡ଼ିକ କେବଳ ରିସାଇକ୍ଲିଂ ଜଳକୁ ବ୍ୟବହାର କରିପାରିବେ ବୋଲି ନିୟମ ରଖାଯାଉ। ଅବଶ୍ୟ ଭାରତରେ ଯେପରି ଜଳାଭାବ ସମସ୍ୟା ବଢୁଛି ସେ କାରଣରୁ ଅନେକ ଦେଶ ପରି ଜଳର ରିସାଇକ୍ଲିଂ ଓ ତାର ପୁନଃ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ସହରାଞ୍ଚଳ ଗୁଡ଼ିକରେ ପାନୀୟ ଜଳ ବ୍ୟତୀତ ଅନ୍ୟ କ୍ଷେତ୍ରରେ ରିସାଇକ୍ଲିଂ ଜଳ ବ୍ୟବହାର କରାଯିବା ଦରକାର। ତଦ୍ୱାରା ବିଶୋଧନ ଖର୍ଚ୍ଚ ମଧ କମିଯିବ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଉପରୋକ୍ତ ସମସ୍ୟା ଉପରେ ଜାଗ୍ରତ କରାଇବା ଆଗରୁ ନିଜ ପ୍ରଶାସନରେ ଜଳ ପରିଚାଳନା ଦିଗକୁ ସଜାଡ଼ିବା ଉଚିତ। କାରଣ କେନ୍ଦ୍ରରେ ଜଳ ଉଦ୍ୟୋଗ ସହ ସମ୍ପୃକ୍ତ ଅନେକ ବିଭାଗ ଓ ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଛି କି ନା ସନ୍ଦେହ। କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ଭୂତଳ ଜଳ ସମ୍ପର୍କିତ ନୀତିନିୟମ କରୁଥିବାବେଳେ କେନ୍ଦ୍ରୀୟ ଜଳ କମିଶନ ଜଳଭଣ୍ଡାର ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ସହ ସଂଶ୍ଲିଷ୍ଟ। ଜଳସମ୍ପଦ ଓ ପରିବେଶ ମନ୍ତ୍ରଣାଳୟଗୁଡ଼ିକ ନଦୀଗୁଡ଼ିକର ସଂରକ୍ଷଣ ଓ ଯୋଜନା ପାଇଁ ଉତ୍ତରଦାୟୀ ଥିଲାବେଳେ ଉତ୍ତର ଭାରତରେ ଗଙ୍ଗା ଆଦି ନଦୀଗୁଡ଼ିକ ହିମାଳୟର ତୁଷାରାବୃତ୍ତ ପାହାଡ଼ରୁ ବରଫ ତରଳି ଜଳ ବହୁଥିବା ଯୋଗୁଁ ସେଥିସହ ଭୂବିଜ୍ଞାନ ମନ୍ତ୍ରଣାଳୟ ତଦାରଖ କରୁଛି। କୁହାଯାଉଛି ଯେ ଜଳ ଉଦ୍ୟୋଗର ପରିଚାଳନାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗ ସଂଶ୍ଲିଷ୍ଟ। ଏହି ପରିଚାଳନା ବ୍ୟବସ୍ଥାକୁ ସରଳ ଓ ସୁସମନ୍ୱିତ କରାଯିବା ଦରକାର। ଜଳସଙ୍କଟ କ୍ରମାଗତ ଭାବେ ଭିନ୍ନ ରୂପରେ ପ୍ରକାଶ ପାଉଥିବାରୁ ଏହାକୁ କେବଳ ରାଜ୍ୟ ଗୁଡ଼ିକ ଉପରେ ଛାଡ଼ି ନଦିଆଯାଇ ଯଦି ମିଳିତ ତାଲିକାରେ ଏ ବିଷୟକୁ ରଖାଯାଇପାରିବ ତେବେ ହୁଏତ ସମଗ୍ର ଦେଶର ଜଳ ପରିଚାଳନା ଲାଗି ସମାନ ଓ କଠୋର ଆଇନ କରିବା ସହଜ ହେବ। କିନ୍ତୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହମତି ଲୋଡ଼ା। ଯାହାହେଲେ ବି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଳସମ୍ପଦର ସୁରକ୍ଷା ଓ ପରିଚାଳନା ଲାଗି ଦୀର୍ଘମିଆଦୀ ଯୋଜନା କରନ୍ତୁ।

## ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ଓ ପରମ ପୂଜ୍ୟ ବ୍ରହ୍ମଲିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରସ୍ଥ ପ୍ରଭୁଜୀ ଇଂଗ୍ଲିଶ୍ ମିଡିୟମ ସ୍କୁଲ ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ , ଭୁବନେଶ୍ୱର ମହାନଗର ତରଫରୁ ସ୍ଥାପନା ଦିବସ ଓ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଉଛି । ଉକ୍ତ ଉତ୍ସବରେ ପୂଜ୍ୟ ସ୍ୱାମୀ ଶଙ୍କରାନନ୍ଦ ଗିରି , ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ , ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ , ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ମହାରାଜ, ଉତ୍କଳ(ପୂ) ପ୍ରଦେଶର କାର୍ଯ୍ୟାଧ୍ୟକ୍ଷ ମା. ଡ.ନଗେନ ଦେବତା ,ସନ୍ଥ ବିଶେଷ ଚୈତନ୍ୟ ମହାରାଜ ,ଆନନ୍ଦ କୁମାର ପାଣ୍ଡେ (ପ୍ରାନ୍ତ ସଂଗଠନ ମନ୍ତ୍ରୀ,ଓଡ଼ିଶା (ପୂ )) ମଂଚାସୀନ ଥିଲେ। ଆଜିର ଦିନରେ ୧୯୬୪ ମସିହା ଜନ୍ମାଷ୍ଟମୀ ଦିନ ବମ୍ବେର ସାନ୍ଦିମନୀ ଆଶ୍ରମରେ ସନ୍ଥ ଓ ବିଭିନ୍ନ ଧର୍ମାଚାର୍ଯ୍ୟ ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ ଦୀର୍ଘ ୫୭ ବର୍ଷ ଧରି ନିରନ୍ତର ଭାବରେ ହିନ୍ଦୁମାନଙ୍କ ସେବା କରିଆସୁଛି । ଆଜିର ପୁଣ୍ୟ ତିଥିରେ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସନ୍ଥ ସମାଜ ସେମାନଙ୍କର ଆଶ୍ରିବଚନ ପ୍ରଦାନ କରିଥିଲେ । ଶେଷରେ ଆନନ୍ଦ ପାଣ୍ଡେ ତାଙ୍କର ବୌଦ୍ଧିକ ପ୍ରଦାନ କରିଥିବା ବେଳେ ବିଭାଗ ସମ୍ପାଦକ ଉମଶଙ୍କର ଆଚାର୍ଯ୍ୟ ପରିଚୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭୁବନେଶ୍ୱର ମହାନଗରର ସଭାପତି ଲକ୍ଷ୍ମୀନାରାୟଣ ରଥ , ସମ୍ପାଦକ ଶରତ ମହାପାତ୍ର ,ସହ ସମ୍ପାଦକ ଶ୍ରୀ ଶୁଭ୍ରାଂଶୁ ଶେଖର ଶତପଥୀ, ବିଭାଗ ସଂଯୋଜକ ବିଭୂତି ମହାପାତ୍ର , କାର୍ଯ୍ୟକାରୀ ସଭାପତି ପ୍ରଦୀପ ମହାନ୍ତି , ଉପସଭାପତି ଜୟପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶାନ୍ତିଃ ପାଠ କରି କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯାଇଥିଲା।

## ଜିଲ୍ଲା ଅବକାରୀ ବିଭାଗର ଚଢାଉ :୧୮ଗ୍ରାମ ବ୍ରାଉନସୁଗାର ସହ ୪୮ ହଜାର ଟଙ୍କା ଜବତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଚଢାଉ କରାଯାଇ ୧୮ଗ୍ରାମ ଓଜନର ବ୍ରାଉନସୁଗାର ସମେତ ନଗଦ ୪୮ ହଜାର ଟଙ୍କା ଜବତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏକ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ସୁବନ ନାୟକଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଅବକାରୀ ଇନସପେକ୍ଟର କମଳ ଲୋଚନ ପାଇକରାୟ ଗତ ବୁଧବାର ପୂର୍ବାହ୍ଣରେ ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଦକ୍ଷିଣଡିଆ ଗ୍ରାମର ସ୍ୱର୍ଗତ ଅରୁଣ କୁମାର ନାୟକଙ୍କ ପତ୍ନୀ ମିନତୀ ନାୟକ(୩୭)ଙ୍କ ଠାରୁ ୧୮ଗ୍ରାମର ବ୍ରାଉନସୁଗାର ସମେତ ନଗଦ ୪୮ହଜାର ଟଙ୍କା ଜବତ କରି ତାଙ୍କୁ ଗିରଫ କରିଥିଲା। ସେହି ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ମିନତୀଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଥିବା ବେଳେ କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବାରିମୂଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ମଙ୍ଗଳବାର କଟକ-ଚାନ୍ଦବାଲି ରାସ୍ତାର ସୌଭାଗ୍ୟ ମଣ୍ଡପ ନିକଟରୁ ଜଣେ ଯୁବକଙ୍କ ଠାରୁ ଅବକାରୀ ବିଭାଗ ୧୫ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା।

# ନିଯୁକ୍ତି ସଙ୍କଟ ଓ ମୁକ୍ତବୃତ୍ତିର କ୍ଷେତ୍ର

ଭୁବନେଶ୍ୱର (ପିଏନ୍): ଆମ ଦେଶକୁ ଆବୋରି ବସିଥିବା ଏକ ପ୍ରମୁଖ ସମସ୍ୟା କ'ଣ ବୋଲି ଯଦି ପ୍ରଶ୍ନ କରାଯାଏ ତେବେ ପ୍ରଥମେ ନିଶ୍ଚୟ ଆସିବ ନିଯୁକ୍ତିରେ ଘୋର ସଂକୋଚନ। ନୂଆ ଚାକିରି ସଂଖ୍ୟା କମିଛି ଏବଂ ପୁରୁଣା ଚାକିରିରୁ ଲୋକେ ଛଟେଇ ହେବାରେ ଲାଗିଛନ୍ତି। ଏହି କାରଣରୁ ବିଶେଷ କରି ଯୁବବର୍ଗ ଭିତରେ ଏକ ତୀବ୍ର ହତାଶା ଭାବ ସୃଷ୍ଟି ହୋଇଛି। ତେବେ ଏକ ନିରନ୍ଧ୍ର ଟନେଲ ଯାତ୍ରା କରୁଥିବା ବେଳେ ଖୋଲା ମୁଣ୍ଡରେ କ୍ଷୁଦ୍ର ଆଲୋକ ରଶ୍ମି ଯେମିତି ମନ ଭିତରେ ଆଶା ସଂଚାର କରେ, ସେମିତି ନିଯୁକ୍ତି ସଂକୋଚନର ଏ ନିରାଶାଜନକ ବାତାବରଣରେ ଯାହା ଟିକିଏ ଆଲୋକ ଦେଖାଇଛି ତାହା ହେଲା ଫ୍ରି ଲାନ୍‌ସିଂ ବା ମୁକ୍ତ ବୃତ୍ତିର ଲୋକପ୍ରିୟତା।

ଅନେକ ଶିକ୍ଷିତ ଯୁବକଯୁବତୀ ଚାକିରି ନ ପାଇ ବିଭିନ୍ନ କ୍ଷେତ୍ରରେ ଫ୍ରି ଲାନ୍‌ସିଂ କରି ଉତ୍ତମ ରୋଜଗାର କରିପାରୁଛନ୍ତି। ଏ ସନ୍ଦର୍ଭରେ 'ପେ ପାଲ୍' ଏକ 'ପେମେଣ୍ଟ' ସଂସ୍ଥା ଗୋଟିଏ ସର୍ବେକ୍ଷଣ ଓ ଅନୁଶୀଳନ କରିଛି। ସେଥିରୁ ଜଣାପଡ଼ିଛି ଯେ ସୂଚନା ପ୍ରଯୁକ୍ତିର ବ୍ୟାପକ ବିକାଶ ଫଳରେ ଭାରତୀୟ ମୁକ୍ତ ବୃତ୍ତିଧାରୀମାନେ କେବଳ ନିଜ ଦେଶରେ ନୁହେଁ ବିଦେଶରେ ମଧ୍ୟ ନିଜ ଲାଗି ଗ୍ରାହକ ତିଆରି କରିପାରିଛନ୍ତି ଏବଂ ଆଶା ଠାରୁ ଅଧିକ ଉପାର୍ଜନ କରିପାରୁଛନ୍ତି। ଯଦିଓ ଗତ ଚାରି ପାଞ୍ଚ ବର୍ଷ ଭିତରେ ମୁକ୍ତ ବୃତ୍ତିଧାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି, ତଥାପି ଏ କ୍ଷେତ୍ରରେ ଦଶରୁ ଅଧିକ ବର୍ଷ ହେଲା କାମ କରି ଆସିଥିବା ଅନେକ ଲୋକ ଅଛନ୍ତି। ଅନୁବାଦ, ବିଷୟ ଲିଖନ ବା କଣ୍ଟେଣ୍ଟ ରାଇଟିଂଠାରୁ ଆରମ୍ଭ କରି ଗ୍ରାଫିକ୍ ଡିଜାଇନିଂ, ଇଣ୍ଟେରିଆର ଡିଜାଇନିଂ, ଲ୍ୟାଣ୍ଡସ୍କେପିଂ, ମାର୍କେଟିଂ ପର୍ଯ୍ୟନ୍ତରେ ବିଭିନ୍ନ କ୍ଷେତ୍ରରେ ସେମାନେ କାର୍ଯ୍ୟ କରିପାରୁଛନ୍ତି ଏବଂ ସମ୍ମାନଜନକ ଉପାର୍ଜନ କରିପାରୁଛନ୍ତି।

'ପେ ପାଲ୍' ପକ୍ଷରୁ କୁହାଯାଇଛି ଯେ ୪୦ ପ୍ରତିଶତ ମୁକ୍ତ ବୃତ୍ତିଧାରୀ ଗଲା ବର୍ଷକ ଭିତରେ ସେମାନଙ୍କ କାରବାରକୁ ବଢ଼ାଇ ପାରିଛନ୍ତି। ପୁଣି ବଡ଼କଥା ହେଲା ଏହା କେବଳ ଯେ ଚାକିରି ଖୋଜୁଥିବା ଯୁବବର୍ଗଙ୍କୁ ନିୟୋଜିତ କରିପାରିଛି ତାହା ନୁହେଁ, ଏଥିରେ ଶିକ୍ଷିତା ଗୃହିଣୀ, ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନେ ମଧ୍ୟ ଉପାର୍ଜନର ବାଟ ପାଇଛନ୍ତି। ତେବେ ଏହା ମଧ୍ୟ ଜଣାପଡ଼ିଛି ଯେ ଏହା ଏକ ଖୋଲା ମଇଦାନ ହୋଇଥିବାରୁ ଏଥିରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖାଯିବାରେ ଲାଗିଲାଣି। ଚୀନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଭଳି ଦେଶରୁ ମୁକ୍ତ ବୃତ୍ତିଧାରୀମାନେ ବଜାରରେ ଭିଡ଼ ଓ ଚହଳ ସୃଷ୍ଟି କଲେଣି। ତେଣୁ ଏ ସମସ୍ୟାର କେବଳ ଗୋଟିଏ ସମାଧାନ ହେଉଛି ଦକ୍ଷତା ବୃଦ୍ଧି। ଭାରତୀୟମାନେ ତିଷ୍ଠି ରହିବା ସହିତ ଏ କ୍ଷେତ୍ରରେ ଏକ ବିଶ୍ୱ ଶକ୍ତି ହେବାକୁ ହେଲେ ସେମାନଙ୍କୁ ଅଧିକ ଯୁଗୋପଯୋଗୀ ତଥା ଦକ୍ଷ ହେବାକୁ ପଡ଼ିବ। ସମଗ୍ର ବିଶ୍ୱ ଅର୍ଥନୀତିକୁ ଦେଖିଲେ ଜଣାଯାଏ ଭାରତୀୟ ଉଚ୍ଚଶିକ୍ଷିତ ଯୁବବର୍ଗମାନେ ପୃଥିବୀର ବିଭିନ୍ନ ଦେଶରେ ନିଜ ଜ୍ଞାନ, ବୁଦ୍ଧି ଓ ମେଧାଶକ୍ତିର ପରିଚୟ ଦେଇ ଚିକିତ୍ସା ବିଜ୍ଞାନଠାରୁ ଅନୁବାଦକଳା, ସୃଜନଶୀଳ ଶକ୍ତି ଠାରୁ ମହାକାଶ ବିଜ୍ଞାନ, ସୌନ୍ଦର୍ଯ୍ୟ କଳା ଠାରୁ ବନ୍ୟପ୍ରାଣୀ କ୍ଷେତ୍ର ସବୁ ଭିତରେ ନିଜର ସ୍ୱତନ୍ତ୍ରତା ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନପରି କର୍ମ ସଙ୍କଟ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି ସମୟରେ ମୁକ୍ତ ବୃତ୍ତି କ୍ଷେତ୍ର ନିଶ୍ଚିନ୍ତ ଭାବରେ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ ବା ନିଜ ଗୋଡ଼ରେ ଛିଡ଼ା କରିବା ପାଇଁ ଯଥେଷ୍ଟ। ଆମେ ଅନେକ ସମୟରେ ଅନେକ କ୍ଷେତ୍ରରେ ଅନୁଭବ କରୁ ଯେ ପ୍ରତିଟି ପରିବାର ବା ପ୍ରତିଟି ଘର ସମସ୍ତଙ୍କ ଭିତରୁ ଏକ ବାର୍ତ୍ତା ଆସେ ସେ କେହି ନା କେହି ନିରୋଜଗାରିଆ ରହିଛନ୍ତି।

ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର କୁହନ୍ତୁ ବା ରାଜ୍ୟ ସରକାର ସବୁଠି କର୍ମ ସଙ୍କଟ ଏବଂ ଆବଶ୍ୟକ ମୁତାବକ ପଦପଦବୀ ପୂରଣ ହୋଇପାରୁ ନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଉଛି। ଏଥିନେଇ ଅର୍ଥନୈତିକ କ୍ଷେତ୍ର ବଡ଼ ପ୍ରତିବନ୍ଧକ। ଦ୍ୱିତୀୟତଃ କର୍ମକୁଶଳତା ମଧ୍ୟ ଅନ୍ୟ ଏକ କାରଣ। ଅନେକ ହୁଏତ ଜାଣି ନ ଥିବେ ବିଶ୍ୱର ଅଭିବୃଦ୍ଧି-ସମ୍ପନ୍ନ ରାଷ୍ଟ୍ର କୁହାଯାଉଥିବା ଆମେରିକା, ଚୀନ, ଜାପାନ, ଋଷ ପରି ଦେଶରେ ଅଧିବାସୀମାନେ ସରକାରୀ କର୍ମ ସଂସ୍ଥାନ ଅପେକ୍ଷା ମୁକ୍ତ ବୃତ୍ତ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଯାହାଦ୍ୱାରା ସେମାନେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ସମ୍ମାନଜନକ ଭାବେ ସକ୍ଷମ ହେଉଛନ୍ତି। ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ କେବଳ ଭାରତରେ ନୁହେଁ ଓଡ଼ିଶାରେ ମୁକ୍ତ ବୃତ୍ତ ସାମ୍ବାଦିକତା କ୍ଷେତ୍ରରେ ଅନେକ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟ କରୁଛନ୍ତି। ମୁକ୍ତବୃତ୍ତ ଭାବେ ଜଣେ ନିଜ ଇଚ୍ଛା ମୁତାବକ ଏବଂ ବ୍ୟବସ୍ଥିତ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇଥାଏ। ବର୍ତ୍ତମାନ ନିଯୁକ୍ତି ସଙ୍କଟ ସମୟରେ ଏହି କ୍ଷେତ୍ର ଅଧିକ ଗୁରୁତ୍ୱ ବହନ କରିବା ସହିତ ଅଧିକରୁ ଅଧିକ ଫ୍ରିଲାନ୍ସକୁ ଗୁରୁତ୍ୱ ଦେଲେ ନିଯୁକ୍ତି ସଙ୍କଟର ଚିନ୍ତା ଦୂର ହେବା ସହ ସ୍ୱାବଲମ୍ବୀ କ୍ଷେତ୍ର ମଧ୍ୟ ବେଶ ସୁଦୃଢ଼ ହେବ।

# ଜଣେ ମହିୟସୀ ନାରୀ ନୀରଦପ୍ରଭା ସିଂହସାମନ୍ତ



ଯେଉଁସବୁ ମହତଗୁଣ ନାରୀ ଚରିତ୍ରରେ ପ୍ରକଟିତ ହେଲେ ନାରୀଟି ସମାଜର ଆଦରଣୀୟା ହୁଏ, ଆଦର୍ଶ ହୁଏ, ସେହିସବୁ ଗୁଣର ଅଧିକାରିଣୀ ଥିଲେ ନୀରଦପ୍ରଭା ସିଂହସାମନ୍ତ। ତାଙ୍କର ଜନ୍ମ ହୋଇଥିଲା ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ। ବଣ ପାହାଡ଼ ଘେରା ଏହି ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର। ତାଙ୍କର ପିତାଙ୍କ ନାମ ହରେକୃଷ୍ଣ ସିଂହସାମନ୍ତ। ଏକ ସମ୍ଭ୍ରାନ୍ତ ରାଜପରିବାରରେ ନୀରଦପ୍ରଭାଙ୍କ ଜନ୍ମ ହୋଇଥିଲେ ମଧ୍ୟ ଚଳଣିରେ ଥିଲେ ଅତି ସାଧାରଣ। ସେ ସମୟରେ ନାରୀମାନଙ୍କ ଶିକ୍ଷା ପ୍ରତି ପିତାମାତା ଏତେ ଧ୍ୟାନ ଦେଉନଥିଲେ। ନୀରଦପ୍ରଭାଙ୍କ ଅବସ୍ଥା ମଧ୍ୟ ସେଇଆ ହୋଇଥିଲା। ସେ କିନ୍ତୁ ତାଙ୍କର ଇଚ୍ଛାଶକ୍ତି ଅଧିକ ଅଧ୍ୟୟନ ପାଇଁ ଆଗ୍ରହ ଯୋଗୁଁ ମଙ୍ଗଳପୁର ପ୍ରାଇମେରୀ ସ୍କୁଲରୁ କଟକର ଶୈଳବାଳା ମହିଳା କଲେଜ ପର୍ଯ୍ୟନ୍ତ ଆସିପାରିଥିଲେ। ଘରୋଇ ଭାବେ ଏମ୍‌ଏ ପାସ କରିଥିଲେ। ରାଧାନାଥ ଟ୍ରେନିଂ କଲେଜରୁ ବିଏଡ୍ ପାଶ କରି ଭୁବନ ବାଳିକା ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ନିଜର କର୍ମନିଷ୍ଠା ଓ ଅଧ୍ୟାପନାରେ ଚମତ୍କାରିତା ପାଇଁ ସେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକମାନଙ୍କର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇଥିଲେ।

ସବୁ ମଣିଷଙ୍କୁ ଭଲ ପାଇଥିବା, ଅସୁବିଧାରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପର ଦୁଃଖ ଦେଖିଲେ ବିଚଳିତ ହୋଇ ପଡ଼ିବା ତାଙ୍କର ଜୀବନର ଧର୍ମ ଥିଲା। କୌଣସି ଛାତ୍ରଛାତ୍ରୀ ରୋଗରେ ପଡ଼ିଲେ ଖବର ପାଇବାମାତ୍ରେ ତା' ଘରକୁ ଯାଇ ତା' ପାଇଁ ଔଷଧର ବ୍ୟବସ୍ଥା କରିବା, ଆର୍ଥିକ ସାହାଯ୍ୟ କରିବା ଏସବୁ ତାଙ୍କର ମହତଗୁଣ ଥିଲା। ସାହିତ୍ୟ ସର୍ଜନା କରିବାର ବୀଜଟି ତାଙ୍କ ଭିତରେ ଲୁଚି ରହିଥିଲା। ସମୟକ୍ରମେ ତାହା ବିକଶିତ ହେଲା। ଶିଶୁ କବିତା, ବଡ଼ମାନଙ୍କ ପାଇଁ କବିତା, ଗଳ୍ପ, ପ୍ରବନ୍ଧ ସବୁ ବିଭାଗରେ ସେ ଲେଖନୀ ଚଳାଇଲେ। ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ପାଇଁ ଭୁବନଠାରେ ବାଣୀ ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ। ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ କରି କଟକରୁ ବଡ଼ ବଡ଼ ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ କରି ସେଠାରେ ଆଡ଼ମ୍ବର ସହକାରେ ଉତ୍ସବ ପାଳନ କରୁଥିଲେ। ଶିକ୍ଷା ଅନୁଷ୍ଠାନ, ସାହିତ୍ୟ ଅନୁଷ୍ଠାନ ନୂଆକରି ଗଢ଼ିବାରେ ତାଙ୍କର ବହୁତ ଆଗ୍ରହ ଥିଲା।

୨୦୦୩ ମସିହାରେ ଅବସର ଗ୍ରହଣ ପରେ ସେ କଟକ ଆସିଲେ ଏବଂ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରେ ଯୋଗଦେଲେ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସ୍ମୃତି କମିଟିର ସଭାପତି ଥିଲେ ଡଃ ବିଚିତ୍ରାନନ୍ଦ ମହାନ୍ତି। ସେ ତାଙ୍କୁ ସେଇ ସ୍ମୃତି କମିଟିର ସଭ୍ୟା କରିଥିଲେ। ଡଃ. ବିଚିତ୍ରାନନ୍ଦ ମହାନ୍ତି ମୋ' ସହିତ ତାଙ୍କ ପରିଚୟ କରାଇ ଦେଇ କହିଥିଲେ ତାଙ୍କ ବହିପତ୍ର ଛାପା ଛାପିରେ ଟିକିଏ ସାହାଯ୍ୟ କରିବ। ସେଇଦିନରୁ ତାଙ୍କ ସହିତ ମୋର ଆତ୍ମୀୟତା ବଢ଼ି ଯାଇଥିଲା। ତାଙ୍କ ଲିଖିତ କେତେଖଣ୍ଡ ବହି ଲେଖକ ସହଯୋଗ ସମିତି ମାଧ୍ୟମରେ ପ୍ରକାଶ କରିଥିଲି। 'ନାରୀ ଜୀବନର ସାର୍ଥକତା ଓ ଅନ୍ୟାନ୍ୟ ପ୍ରବନ୍ଧ', 'ମୋ ଜୀବନ କଥା' ଏହି ଦୁଇଟି ଅତ୍ୟନ୍ତ ଉଚ୍ଚକୋଟୀର ପୁସ୍ତକ ଯାହା ପ୍ରତ୍ୟେକ ପାଠକଙ୍କୁ ଅଭିଭୂତ କରିବ। ସାହିତ୍ୟ ଦିଗକୁ ଛାଡ଼ିଲେ ତାଙ୍କ ଚରିତ୍ରର ଅନନ୍ୟ ବୈଶିଷ୍ଟ୍ୟ ହେଲା ଅତ୍ୟନ୍ତ ଧର୍ମପରାୟଣା, ଦାନଶୀଳା। ଓଡ଼ିଶାର ବିଭିନ୍ନ ଧର୍ମ ଅନୁଷ୍ଠାନ ଏବଂ ସାହିତ୍ୟ ଅନୁଷ୍ଠାନକୁ ସେ ବହୁଭାବରେ ସାହାଯ୍ୟ କରନ୍ତି। କେହି ତାଙ୍କ ପାଖରୁ ରିକ୍ତ ହସ୍ତରେ ଫେରେନାହିଁ। ସମାଜସେବା କ୍ଷେତ୍ରରେ ମଧ୍ୟ ସେ ବହୁ ସେବାମୂଳକ କାର୍ଯ୍ୟ କରିଛନ୍ତି। ଶ୍ରୀ ଅରବିନ୍ଦ ଓ ଶ୍ରୀମା'ଙ୍କର ସେ ଆଶ୍ରିତ ଥିଲେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗୁରୁଙ୍କର ପୂଜା ଅର୍ଚ୍ଚନା କରୁଥିଲେ। ତାଙ୍କର ଜୀବନଶୈଳୀ ଅତ୍ୟନ୍ତ ନିରାଡ଼ମ୍ବର ଥିଲା। ତାଙ୍କର ମହନୀୟ ଚରିତ୍ର ଓ ଗୁଣାବଳୀ ଆଜିର ନାରୀମାନଙ୍କର ଗ୍ରହଣୀୟ ହେଲେ ସମାଜ ବଦଳନ୍ତା, ଆମ ସମସ୍ତଙ୍କର ମଙ୍ଗଳ ହୁଅନ୍ତା।

## ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର (ପିଏନ୍)- କୋରାପୁଟ ଜିଲ୍ଲାରେ କଂଗ୍ରେସରେ ମତଭେଦ ଦୂର ପରେ ପୁନର୍ବାର ଗଣମାଧ୍ୟମରେ ବିବୃତି ପ୍ରଦାନ କରିଥିବାରୁ ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ ଶ୍ରୀ କୈଳାସ ଚନ୍ଦ୍ର କୁଲେସିକାଙ୍କୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଶ୍ରୀ କୁଲେସିକାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ସଂପର୍କରେ ସାତଦିନ ମଧ୍ୟରେ ଉତର ପ୍ରଦାନ କରିବାକୁ ଶ୍ରୀ କୁଲେସିକାଙ୍କୁ କୁହାଯାଇଥିଲା। ଶ୍ରୀ କୁଲେସିକା ଏହାର ଉତର ପିସିସିକୁ ପ୍ରଦାନ କରିଛନ୍ତି ଏବଂ କହିଛନ୍ତି ଯେ ତାଙ୍କ ବକ୍ତବ୍ୟକୁ ଗଣମାଧ୍ୟମ ଠିକଭାବେ ପ୍ରକାଶ କରିନାହାନ୍ତି। ସେ ଏଥିପାଇଁ ଦୁଃଖ ପ୍ରକାଶ କରିବା ସହିତ ଭବିଷ୍ୟତରେ ଏପରି କାର୍ଯ୍ୟ କରିବେ ନାହିଁ, ଦଳକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତ କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଅନୀଲ ଆର୍ଟ ଫାଉଣ୍ଡେସନ୍‌ର ଭର୍ଚୁଆଲ କଳା ପ୍ରଦର୍ଶନୀ 'ବ୍ୟାକସ୍ପେସ୍'



ଭୁବନେଶ୍ୱର (ପିଏନ୍): ଅନୀଲ ଆର୍ଟ ଫାଉଣ୍ଡେସନ୍ ପକ୍ଷରୁ ଏକ ଜାତୀୟସ୍ତରର ଭର୍ଚୁଆଲ କଳା ପଦର୍ଶନୀ 'ବ୍ୟାକସ୍ପେସ୍' ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବରେ ମୁଖ୍ୟ ଅତିଥ ରାମକୃଷ୍ଣ ବେଦାଲା, ସଚିବ ଲଳିତ କଳା ଏକାଡେମୀ ଦିଲ୍ଲୀ , ଉଦ୍‌ଘାଟନ କରି, ବରିଷ୍ଠ ତଥା ଯୁବ ଶିଳ୍ପୀମାନଙ୍କୁ ତାଙ୍କ ନିଜସ୍ୱ କଳାତ୍ମକ ଶୈଳୀର ବାର୍ତ୍ତା ପ୍ରଦାନ କରି ଆଗାମୀ ଦିନରେ କଳାର ଉତ୍କର୍ଷତା ଆଶା କରିବା ସହିତ ଓଡ଼ିଶାର କଳା ଓ ଶିଳ୍ପୀମାନଙ୍କୁ ଉଚ୍ଚକୋଟୀର ପ୍ରଶଂସା କରିବା ସହିତ, ଓଡ଼ିଶାର ଚିତ୍ରକଳା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ମଲ୍ଲିକାପୁର, ଯାଜପୁରର ଅନୀଳା ଆର୍ଟ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବରେ ଓଡ଼ିଶାର ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ରାମହରି ଜେନା ଯୋଗଦେଇ ତାଙ୍କ ନିଜସ୍ୱ ମନ୍ତବ୍ୟରେ, ଅନୀଳା ଆର୍ଟ ଫାଉଣ୍ଡେସନର କାର୍ଯ୍ୟକ୍ରମ ଓ ଆଜିକାଲିର ପ୍ରଚଳିତ କଳା, ସଂସ୍କୃତି ସୁରକ୍ଷାର ଗୁରୁତ୍ୱ ଓ ମୂଲ୍ୟବୋଧ ଉପରେ ଯୁବପିଢି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ ଏବଂ ଏହି ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଫଂଚାନନ ସାମଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଅନୀଳା ଆର୍ଟ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଓ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ବରିଷ୍ଠ ତଥା ଯୁବ ଚିତ୍ର ଶିଳ୍ପୀମାନଙ୍କୁ କର୍ତବ୍ୟନିଷ୍ଠା, ତାହାର ସୁଫଳ ଏବଂ ଚିତ୍ରକଳାର ଆଜିକାଲିର ଚାହିଦା ଓ ଏହାର ସୁରକ୍ଷା ଉପରେ ନିଜର କଳାତ୍ମକ ଭାଷାରେ ଶିଳ୍ପୀମାନଙ୍କୁ ଖୁବ ଖୋରାକ ଯୋଗାଇଥିଲେ। ଆଗାମୀ ଦିନ ପାଇଁ କେମିତି ଜଣେ ଶିଳ୍ପୀ ନିଜକୁ ଜଣେ ଦକ୍ଷ ଶିଳ୍ପୀ ଭାବରେ ଗଢି ତୋଳି ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଆଶା ରଖିଥିଲେ। ଏବଂ ଅନୀଳା ଆର୍ଟ ଫାଉଣ୍ଡେସନର ପ୍ରତିଷ୍ଠା ଶିଳ୍ପୀ ଓ କବି, ଶଶଧର ପତି ଓ ଏହି ପ୍ରଦର୍ଶନୀର ଆୟୋଜକ ଚିତ୍ରଶିଳ୍ପୀ ଶୁଭଙ୍କର ତରଫଦାରଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ଟୁଟୁ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ତାଙ୍କର ବାର୍ତ୍ତା ମାଧ୍ୟମରେ ସେ ଶିଳ୍ପୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିଥିଲେ। ଏହି ପ୍ରଦର୍ଶନୀ ସେପ୍ଟେମ୍ବର ୨ ଯାଏଁ ଚାଲିଥିଲା। ଏହି ପ୍ରଦର୍ଶନୀରେ ବଳଦେବ ମହାରଥା, ରାଜେଶ ଶର୍ମା, ପ୍ରଣମ ସିଂହ, ସୁଶାନ୍ତ ଦାସ, ଜ୍ଞାନେଶ ମିଶ୍ର, ଉଷା ମିଶ୍ର, ବିଜୟ ଧୋର, ଅଜୟ ସମୀର, ସରୋଜ ପାତ୍ର, ଅସିତ ବସୁ, ଅର୍ଚନା ମିଶ୍ର, ଲିପିଶ୍ରୀ ନାୟକଙ୍କ ସମେତ ବହୁ ବିଶିଷ୍ଟ ଚିତ୍ରଶିଳ୍ପୀ ଯୋଗଦେଇ ଅନ୍‌ଲାଇନ୍‌ରେ ସେମାନଙ୍କ ଚିତ୍ରକଳା ପ୍ରଦର୍ଶନ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର ଜିଲ୍ଲାରେ ମାତ୍ରାଧିକ ଟୋଲ ଆଦାୟକୁ ନେଇ ଅସନ୍ତୋଷ ତେଜିଲା, କରଣସାହି ଟୋଲ ଗେଟ୍‌କୁ ବିରୋଧ କଲା ନାଗରିକ ମଞ୍ଚ

ଯୋଡା: ପାଣିକୋଇଲି ଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଲମ୍ବିଥିବା ପୁରୁଣା ୨୧୫ ନମ୍ବର ଜାତୀୟ ରାଜପଥ ଏବେ ଦୁଇ ଭାଗରେ ବିଭକ୍ତ ହୋଇଥିବା ପାଣିକୋଇଲିରୁ ରିମୁଳି ଏନ୍‌ଏଚ ୨୦ ଏବଂ ରିମୁଳି ଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଏନ୍‌ଏଚ ୫୨୦ ସମ୍ପୂର୍ଣ୍ଣ ହେବା ସମୟ ଦିନକୁ ଦିନ ଗଡି ଚାଲିଥିବା ବେଳେ ରାସ୍ତା ନିର୍ମାଣ ଶେଷ ହେବା ପୂର୍ବରୁ କେନ୍ଦୁଝର ଜିଲ୍ଲାରେ ୩ଟି କାର୍ଯ୍ୟକ୍ଷମ ଟୋଲଗେଟ ଏବଂ ଆଉ ଗୋଟିଏ କାରଣସାହି ଠାରୁ ନୂତନ କରି ନିର୍ମାଣ ହେବାକୁ ଯାଉଥିବା ଟୋଲଗେଟ ସମଗ୍ର ଜିଲ୍ଲାବାସୀଙ୍କୁ ହତାଶ କରିଛି । ପୂର୍ବରୁ ୩ଟି ଟୋଲଗେଟରେ ଟୋଲ-ଫି' ଦେଇ ନୟାନ୍ତ ହେଉଥିବା ଜିଲ୍ଲାବାସୀଙ୍କ ମୁଣ୍ଡରେ ଆଉ ଗୋଟିଏ ଟୋଲଗେଟର ବୋଝ ଜାତୀୟ ରାଜପଥ ବିଭାଗ ଲଦି ଦେଉଥିବାରୁ ତାକୁ ନେଇ ବିଲେଇପଦା ଏବଂ ଆଖପାଖ ଅଞ୍ଚଳରେ ଅସନ୍ତୋଷ ଦାନାବାନ୍ଧି ୨୮ ନଂ ଜୋନର ନାଗରିକ ମଞ୍ଚ ପକ୍ଷରୁ ଏହି ଟୋଲଗେଟକୁ ମଧ ପ୍ରବଳ ବିରୋଧ କରାଯାଉଛି । ପୂର୍ବରୁ ଏକାଧିକବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ସମସ୍ୟା,୬୦ କିଲୋମିଟର ବ୍ୟବଧାନ ମଧ୍ୟରେ ଟୋଲଗେଟ ସ୍ଥାପନ ଏବଂ ଦୈନନ୍ଦିନ ଯା'ଆସ କରୁଥିବା ଜିଲ୍ଲାବାସୀଙ୍କ ପାଇଁ ଟୋଲ ଫି' ଛାଡ କରିବା ଆଦି ଦାବି ସହ ଦାବିପତ୍ର ପ୍ରଦାନ କରିଥିଲେ ମଧ ସେଥିରୁ କୌଣସି ସୁଫଳ ନ ମିଳିବାରୁ ଶେଷରେ ୩ ତାରିଖ ଶୁକ୍ରବାର ନାଗରିକ ମଞ୍ଚ ପକ୍ଷରୁ ବିଲେଇପଦା ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ କରି ନିଜର ଦାବି ଉପସ୍ଥାପନ କରିଥିଲେ । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଦେଓଝର ସରପଞ୍ଚ ମଙ୍ଗଳ ମୁଣ୍ଡା,ଦେଓଝର ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ,ଅଂଶେଇକଳା ସରପଞ୍ଚ ଦିଲ୍ଲୀପ ନାଏକ,ଅଂଶେଇକଳା ସମିତିସଭ୍ୟ ଦେବେନ୍ଦ୍ର ମୁଣ୍ଡା,ଦେଓଝର ସମିତିସଭ୍ୟ ଯୁଧିଷ୍ଠିର ପଲେଇ,ଚମକପୁର ସରପଞ୍ଚ ନରହରୀ ନାଏକ,ପୂର୍ବତନ ଜିଲ୍ଲାପରିଷଦ ବୀରବର ନାଏକ,ବରିଷ୍ଠ ନାଗରିକ ତଥା ସମାଜସେବୀ ବେଣୁ ମାଧବ ନାଏକଙ୍କ ସମେତ ମନବୋଧ ବେହେରା,ରିତ ବାରିକ,ଅର୍ଜୁନ ମୁଣ୍ଡା,ରାଧାକାନ୍ତ ପଣ୍ଡା,ଗୋବିନ୍ଦ ଖିଲାର,ସୁନୀଲ ବେହେରା,ରାଜା ମହାକୁଡ ପ୍ରମୁଖ ଉପସ୍ଥିତ ରହିଥିଲେ । ଭାରତ ସରକାରଙ୍କ ଜାତୀୟ ରାଜପଥ ନିୟମ ମୁତାବକ ଏକ ଟୋଲଗେଟ ଠାରୁ ଅନ୍ୟ ଏକ ଟୋଲଗେଟର ଦୂରତା ଅନୁନ୍ୟ ୬୦ କିଲୋମିଟର ହେବା ଆବଶ୍ୟକ ଏବଂ ମ୍ୟୁନିସିପାଲଟି ଅଞ୍ଚଳ ଠାରୁ ଅନ୍ତତପକ୍ଷେ ୧୦ କିଲୋମିଟର ଦୂରତାରେ ସ୍ଥାପନ ହେବା ଆବଶ୍ୟକ ଥିବା ସ୍ଥଳେ କେନ୍ଦୁଝର ବନଯୋଡି ଟୋଲଗେଟ ଠାରୁ ମାତ୍ର ୪୭ କିଲୋମିଟର ବ୍ୟବଧାନରେ ବିଲେଇପଦା କାରଣସାହି ଠାରେ କିପରି ଟୋଲଗେଟ ନିର୍ମାଣଧୀନ ଚାଲିଛି ତାହା ଜାତୀୟ ରାଜପଥର ସର୍ତ୍ତାବଳୀକୁ ଜଳାଳୀ ଦିଆଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଉଠାଇଥିଲେ । ଶିକ୍ଷା,ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଯୋଡା ଓ ବିଲେଇପଦା ଅଞ୍ଚଳର ଅଧିବାସୀ ମାନେ କଟକ ଓ ଭୁବନେଶ୍ୱର ଉପରେ ନିର୍ଭରଶୀଳ ଥିବା ବେଳେ ଯୋଡା ଠାରୁ ୨୫୦ କିଲୋମିଟର ବ୍ୟବଧାନରେ ୬ଟି ଟୋଲଗେଟ୍ କେତେ ଯୁକ୍ତି ଯୁକ୍ତ ବୋଲି ପ୍ରଶ୍ନ ଉଠାଇବା ସହ ପାଣିକୋଇଲି ଠାରୁ ମାତ୍ର ୩୩ କିମି ଆନନ୍ଦପୁର (ହସନପୁର) ଟୋଲଗେଟ ଥିବା ବେଳେ ଏହା ଠାରୁ ୫୯ କିମି ଦୂରତାରେ ରହିଛି ଢେଙ୍କିକୋଟ (କଣ୍ଟାଘର) ଟୋଲଗେଟ,କଣ୍ଟାଘର ଟୋଲଗେଟ ଠାରୁ ମାତ୍ର ୪୨ କିମି ଦୂରତାରେ ରହିଛି କେନ୍ଦୁଝର (ବନଯୋଡି) ଟୋଲଗେଟ ଓ ବନଯୋଡି ଟୋଲଗେଟ ଠାରୁ ମାତ୍ର ୪୭ କିମି ଦୂରତାରେ ବିଲେଇପଦା କାରଣସାହି ଠାରେ ଟୋଲଗେଟ ନିର୍ମାଣଧୀନ ଥିବା ବେଳେ ଏପ୍ରକାର ଟୋଲ ଆଦାୟ କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠାଇବା ସହ ଜିଲ୍ଲାରେ ମାତ୍ରାଧିକ ଟୋଲ ଆଦାୟକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନାଗରିକ ବେଣୁ ମାଧବ ନାଏକ କହିଥିଲେ । ଏଥିସହ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ୟକ୍ତିଗତ ତଥା ବାଣିଜ୍ୟିକ ଯାନକୁ ଟୋଲ ଦେୟମୁକ୍ତ କରାଯାଉ ବୋଲି ମଧ କହିଥିଲେ । କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାରୁ ଏଠିକାର ସ୍ଥାୟୀ ଅଧିବାସୀ ମାନେ ଦୈନନ୍ଦିନ ନିଜ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଜିଲ୍ଲା ମଧ୍ୟକୁ ଯା'ଆସ କରିଥାନ୍ତି । ନିଜ ଗାଡି ହେଉ କି ଭଡା ଗାଡି ସହ ଯାଉଥିବା ଜନସାଧାରଣ ଜିଲ୍ଲା ଭିତରେ ଥିବା ଟୋଲଗେଟ୍‌ର ଟୋଲ-ଫି' ଦେଇ ଦେଇ ହତାଶ ହୋଇ ପଡୁଥିବା ବେଳେ ଗରିବ,ଅସହାୟ ରୋଗୀକୁ ନେଇ ଯାଉଥିବା ଯାନବାହାନ କଥା ପଚାରେ କିଏ । ନିଜ ଚିକିତ୍ସା କରିବାରେ ଅସମର୍ଥ ଥିବା ରୋଗୀ ଜଣକ ଉପରେ ଯେତେବେଳେ ଏହି ମାତ୍ରାଧିକ ଟୋଲ-ଫି' ଆଦାୟର ବୋଝ ପଡେ ସେଥିରେ ବ୍ୟୟ ହେଉଥିବା ଅର୍ଥ ଯୋଗୁଁ ଆବଶ୍ୟକ ସ୍ଥଳେ ଅର୍ଥ ମ୍ୟାନେଜ ଲକ୍ଷ୍ୟରେ ରୋଗୀ ସାଥୀରେ ଯାଇଥିବା ସମ୍ପର୍କୀୟ ହେଉ କିମ୍ବା ଡ୍ରାଇଭର ଭୋକ ଉପାସରେ ରହିବାକୁ ବାଧ ହୋଇଥାଏ । ବେଳେ ବେଳେ ରୋଗୀ ଓ ସମ୍ପର୍କୀୟ ପାଖରୁ ଟଙ୍କା ସରି ଯାଉଥିବାରୁ ଔଷଧ କିଣିବାକୁ ସକ୍ଷମ ହୋଇନଥାନ୍ତି ଏମାନେ ।

# କନ୍ଧମାଳ ଜିଲ୍ଲା ପ୍ରେସକ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ : ସଭାପତି ସୁନିଲ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା



କନ୍ଧମାଳ: କନ୍ଧମାଳ ଜିଲ୍ଲା ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ ହୋଇଯାଇଛି । ଏଥିରେ ସଭାପତି ଭାବରେ ସୁନିଲ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଭାବରେ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି । ଫୁଲବାଣୀ ସାମ୍ବାଦିକ ଭାବନଠାରେ ଗତ ବୁଧବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ଦୁଇ ବର୍ଷ ପାଇଁ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ ସଭାପତି ଓ ସାଧାରଣ ସମ୍ପାଦକ ଭାବରେ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଆଶୋକ କୁମାର ପରିଡା,ଉପସଭାପତି ଭାବେ ସୁନିଲ ବିଶ୍ୱାଳ ଓ ସତ୍ୟନାରାୟଣ ବେହେରା,ସହସମ୍ପାଦକ ରମେଶ ପ୍ରଧାନଙ୍କୁ ନିର୍ବାଚିତ କରାଯାଇଛି । କର୍ମକର୍ତା ଚୟନ ପ୍ରକ୍ରିୟାକୁ ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ପ୍ରଧାନ ନିର୍ବାଚନ ଅଧିକାରୀ ଭାବରେ ପରିଚାଳନା କରିଥିଲେ । ଏଥିରେ କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ସାମ୍ବାଦିକ ଶିବପ୍ରସାଦ ତ୍ରିପାଠୀ,ଅଜିତ କୁମାର ମହାରଣା,ବ୍ରଜବିହାରୀ ନନ୍ଦ,ଶିବାନନ୍ଦ ପଟ୍ଟନାୟକ,ମୁସ୍କାନ ସୁଆର,ଜୟସେନ ପରିଡା,,ଅଶୋକ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମର ଆରମ୍ଭରେ ପୂର୍ବତନ ସମ୍ପାଦକ ଅଜିତ ମହାରଣା ବିବରଣୀ ପାଠ କରିଥିଲେ । କୋଭିଡ ସଂକ୍ରମଣ ଯୋଗୁଁ ଗତ ଦିନ ମାନଙ୍କରେ କୌଣସି କାର୍ଯ୍ୟକ୍ରମ ହୋଇ ପାରିନାହିଁ ତେବେ କିଛି କିଛି ଉନ୍ନୟନ ମୁଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ନେଇ ପୁବତନ ସଭାପତି ଶିବପ୍ରସାଦ ତ୍ରିପାଠୀ କହିଛନ୍ତି । ଏହି ଅବସରରେ ଅନୁଷ୍ଠାନର ନୂତନ ସଦସ୍ୟ ଭାବେ ବୈଦୁ୍ୟତିକ ଗଣ ମାଧ୍ୟମର ପ୍ରତିନିଧି ବାଳକୃଷ୍ଣ ଚର୍ଚ୍ଚି,ପ୍ରଶାନ୍ତ ଜେନା ଓ ରାଧାମୋହନ ମହାପାତ୍ର ଏବଂ ଦୈନିକ ଖବରକାଗଜ ପ୍ରିନିଧି ବୈଦ୍ୟନାଥ ବେହେରାଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା,ବିଜୟ ମହାନ୍ତି,ଗୋପାଳକୃଷ୍ଣ ପଟ୍ଟନାୟକଙ୍କୁ ଅନୁଷ୍ଠାନର ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି । ଏହି ଅବସରରେ ନୂତନ ସଭାପତି ସୁନିଲ ପଟ୍ଟନାୟକ ସାମ୍ବାଦିକ ମାନଙ୍କ ବୃତିଗତ ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ନିଷ୍ଠା ଓ ଆନ୍ତରିକତା ର ସହିତ ପ୍ରେସ କ୍ଲବର ଉନ୍ନୟନ ଦିଗରେ କାର୍ଯ୍ୟ କରିବା ଦିଗରେ ନୁତକ କର୍ମକର୍ତା ମାନେ କାର୍ଯ୍ୟ କରିବେ ବୋଲି କହିଥିଲେ ।

## ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ



କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ ୨୦୧୩ ମସିହାରେ ୭୩ ଜଣ ଓ ୨୦୧୪ ମସିହାରେ ୨୭ ଜଣ ଶିକ୍ଷା ସହାୟକ ରୂପେ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସରକାରଙ୍କ ନିୟମାନୁଯାୟୀ ୩ ବର୍ଷ ପରେ କନିଷ୍ଠ ଶିକ୍ଷକ ରୂପେ ମାନ୍ୟତା ପାଇବା ପରେ ଦୀର୍ଘ ୬ ବର୍ଷ କାଳ ନିୟମିତ ଭାବେ କାର୍ଯ୍ୟ କରି ଆସିଥିବା ଏହି ୧୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆଜି ନିୟମିତ ସରକାରୀ ଶିକ୍ଷକର ମାନ୍ୟତା ପାଇଛନ୍ତି । କେନ୍ଦୁଝର ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୪୦୩/୨୬.୭.୨୦୨୧ ଅନୁଯାୟୀ ଆଜି ଯୋଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସେମାନଙ୍କର ନିଯୁକ୍ତି ପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ ଅଭୟ ବେହେରାଙ୍କ ଠାରୁ ଗ୍ରହଣ କରିଥିଲେ । ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟତ୍ରୀ ବସନ୍ତ କୁମାର ପୃଷ୍ଟି,ଅଜିତ କୁମାର ଅଧିକାରୀ,ଅଭିନନ୍ଦନ ମନ୍ତ୍ରୀ,ସୁଧାଂଶୁମାଳା ବକ୍ସି ନିଜ ନିଜର ନିଯୁକ୍ତି ପତ୍ର ଗ୍ରହଣ କରିବା ସହିତ ବିଇଓଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ଶିକ୍ଷାକ୍ଷେତ୍ରରେ ସରକାରୀ ଶିକ୍ଷକ ରୂପେ ନିଯୁକ୍ତି ପତ୍ର ପାଇ ଆନନ୍ଦିତ ହୋଇଥିଲେ ।

## ଦୂତି ଚାନ୍ଦଙ୍କ ସଫଳତା କାମନା କରି ମା' ଧନେଇ ସେବା ସଂଘ ପକ୍ଷରୁ ରଘୁନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା

କେନ୍ଦୁଝର:(ପି.ଏନ୍.): ଓଡିଶାର ଝିଅ ତଥା ଗୌରବମୟୀ ଦୂତି ଚାନ୍ଦ ଆଜି ଅଲମ୍ପିକ୍‌ରେ ଖେଳିବାକୁ ଯାଉଥିବା ବେଳେ ଦୂତି ଚାନ୍ଦଙ୍କ ସଫଳତା କାମନା କରି ମା'ଧନେଇ ସେବା ସଂଘ ବାରିଗାଁ ପକ୍ଷରୁ ରଘୁନାଥଙ୍କ ମନ୍ଦିରରେ ଏକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମା'ଧନେଇ ସେବା ସଂଘର ସଭାପତି ବିଷ୍ଣୁ ପ୍ରସାଦ ବାରିକଙ୍କ ସମେତ ସଦସ୍ୟ ସତ୍ୟଜିତ ସାହୁ, ନିହାର ରନ ସାହୁ, ସତ୍ୟପ୍ରକାଶ ସାହୁ, ରୋସନ ସାହୁ, ଆଶୁତୋଷ ପଣ୍ଡା, ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ

କେନ୍ଦୁଝର: ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଆନନ୍ଦପୁର ଅବକାରୀ ବିଭାଗ ଦ୍ୱାରା ଚଢାଉ କରାଯାଇ ବ୍ୟାପକ ପରିମାଣର ମଦ ଓ ମହୁଲପୋଚ ଜବତ କରାଯାଇଛି । ଆନନ୍ଦପୁର ଅବକାରୀ ବିଭାଗର ଆଇ.ଇ. ପ୍ରଫୁଲ କୁମାର ମହାନ୍ତଙ୍କ ସହ ଆନନ୍ଦପୁର ପୋଲିସର ମିଳିତ ସହଯୋଗରେ ଆନନ୍ଦପୁର ଓ ଘଷିପୁରା ଥାନା ଅନ୍ତର୍ଗତ ଗୋଡମରା, ଜଙ୍ଘାର, ଷଡଙ୍ଗୀ, କୋଳିମାଟି ପ୍ରଭୃତି ସ୍ଥାନରେ ଚଢାଉ କରି ବେଆଇନ୍ ମଦ କାରଖାନା ଗୁଡିକରୁ ୧୨୨୦କେ.ଜି. ମହୁଲ ପୋଚ ସହ ୫୦ଲିଟର ମଦ ଜବତ କରି ନଷ୍ଟ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଥିବା ସୁଚନା ମିଳିଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଳତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୬୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ୍ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ଜିଲ୍ଲାର ୧୧ଟି ପରୀକ୍ଷା କେନ୍ଦ୍ରରେ ଅଫଲାଇନ ମାଟ୍ରିକ ପରୀକ୍ଷା ଆରମ୍ଭ : ୩୭୮ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ୧୧ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ଠାରୁ ଅଫଲାଇନରେ ୩୭୮ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷା କେନ୍ଦ୍ରର ତଦାରଖ ପାଇଁ ଦୁଇଟି ସ୍କ୍ୱାଡ ଗଠନ କରାଯାଇଛି । ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ସ୍କ୍ୱାର୍ଡଟି ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ତଦାରଖ କରୁଛନ୍ତି । ଜିଲ୍ଲାର ୧୧ଟି ପରୀକ୍ଷା କେନ୍ଦ୍ରରେ ନିୟମିତ ପରୀକ୍ଷାର୍ଥୀ ୪୦, ଏକ୍ସ ରେଗୁଲାର ୪୨ ଓ ବୋର୍ଡରେ ସିଧାସଳଖ ଫର୍ମପୂରଣ କରି ୧୦୪ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ ହେଉଛନ୍ତି । ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରେ ଆଳିର ଏସ.କେ. ଦେବ ନୋଡାଲ ହାଇସ୍କୁଲ, ପଟ୍ଟାମୁଣ୍ଡାଇର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ, ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟ, ରାଜନଗରର ହାତିନା ଲକ୍ଷ୍ମୀବରାହ ନୋଡାଲ ହାଇସ୍କୁଲ, ଫକିରାବାଦର ରାମଚନ୍ଦ୍ର ନୋଡାଲ ହାଇସ୍କୁଲ, କେନ୍ଦ୍ରାପଡା ସରକାରୀ ହାଇସ୍କୁଲ, ଚଡେଇଗୁଆଁ ଯୁଗରୂପା ବିଦ୍ୟାପୀଠ, ମାର୍ଶାଘାଇ ବାଳିକା ହାଇସ୍କୁଲ, କୋରୁଆ ସରକାରୀ ହାଇସ୍କୁଲ ଓ ରାଜନଗରର କେରଡାଗଡର ଜଗନ୍ନାଥ ନୋଡାଲ ହାଇସ୍କୁଲ ଏବଂ ବଡପଲ୍ଲୀ ନୋଡାଲ ହାଇସ୍କୁଲ ରହିଛି । ପ୍ରତିବ୍ଲକରେ ଗୋଟିଏ ଲେଖାଏଁ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ବୋର୍ଡରେ ସିଧାସଳଖ ଫର୍ମପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ହେବାରୁ ସେହି ବ୍ଲକରେ ତିନୋଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଆଳି ଏସ.କେ. ଦେବ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ନିୟମିତ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୪ଜଣ ଏକ୍ସ ରେଗୁଲାର ଏବଂ ୫ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ ନିୟମିତ, ୬ଏକ୍ସ ରେଗୁଲାର ଏବଂ ୯ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ରାଜକନିକା ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୬ ନିୟମିତ, ୭ ଏକ୍ସ ରେଗୁଲାର ଏବଂ ୧୩ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ହାତିନାର ଲକ୍ଷ୍ମୀବରାହ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯ ନିୟମିତ ପରୀକ୍ଷାର୍ଥୀ, ୫ଏକ୍ସ-ରେଗୁଲାର ଏବଂ ୧୪ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ଫକିରାବାଦର ରାମଚନ୍ଦ୍ର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯ନିୟମିତ ପରୀକ୍ଷାର୍ଥୀ, ୫ ଏକ୍ସ ରେଗୁଲାର ଏବଂ ୧୩ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪ ନିୟମିତ ପରୀକ୍ଷାର୍ଥୀ, ୧୦ ଏକ୍ସରେଗୁଲାର ଏବଂ ୨୧ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ଚଡେଇ ଗୁଆଁ ଯୁବରୂପା ବିଦ୍ୟାଭନବ ପରୀକ୍ଷା କେନ୍ଦ୍ରରେ ୫ ନିୟମିତ ପରୀକ୍ଷାର୍ଥୀ, ୨ଏକ୍ସ ରେଗୁଲାର ଏବଂ ୭ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ, ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ ନିୟମିତ, କେରଡାଗଡ ଶ୍ରୀ ଜଗନ୍ନାଥ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ କେବଳ ୪୦ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ ଏବଂ ବଡପଲ୍ଲୀ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୪୦ ସିଧାସଳଖ ବୋର୍ଡ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ।

# କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସହ ସାକ୍ଷାତକାର

## ସୁଶୀଳ କଣ୍ଠ ସ୍ୱର ଓ ପ୍ରତିଭା ପାଇଁ ଅଳ୍ପ ଦିନର କ୍ୟାରିୟର ଭିତରେ ଦୁଇ ଦୁଇ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାତେଇଛନ୍ତି ଅନ୍ତରା ଚ଼କ୍ରବର୍ତ୍ତୀ ।ଆସନ୍ତୁ ଜାଣିବା ଏହି ପ୍ରତିଭାଙ୍କ ବିଷୟରେ କିଛି...



**ପ୍ରଶ୍ନ- ଅନ୍ତରା ଚ଼କ୍ରବର୍ତ୍ତୀ ସଙ୍ଗୀତ ଦୁନିଆରେ ଏକ ଜଣା ଶୁଣା ନା, ଅନ୍ତରା ଙ୍କ ବ୍ୟକ୍ତିଗତ ଜୀବନ କେତେ ସୁରିଲା ?**

ଉତ୍ତର-ବ୍ୟକ୍ତିଗତ ଜୀବନ ବି ବହୁତ ସୁରିଲା କାହିଁକି ନା ମୁଁ ତ ଦିନ ରାତି ଗୀତ ହିଁ ଗାଉଛି ତେଣୁ ମୋ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଦୁଇଟି ଯାକ ବହୁତ ସୁରିଲା ।

**ପ୍ରଶ୍ନ- ଅନ୍ତରାଙ୍କୁ ଯଦି ବଲିଉଡ଼ରେ ହିରୋଇନ ଅଫର ମିଳେ ସେ କରିବେ କି ?**

ଉତ୍ତର-ନାଇଁ କରିବିନି, ଅଭିନୟ କରିବା ପାଇଁ ବହୁତ ଭଲ ଭଲ କଳାକାର ମାନେ ଅଛନ୍ତି ।

**ପ୍ରଶ୍ନ-କେବେ କୋଉ ଫ୍ୟାନ ପାଗଳ ଙ୍କ ପରି ପଛରେ ପଡିଛନ୍ତି କି ?**

ଉତ୍ତର-ନାଇଁ ପଛରେ ପଡିନାହାନ୍ତି ହେଲେ ଅଳ୍ପ ଅଧେ ପଗେଲାମି କରିଛନ୍ତି, କିଏ କିଏ ଗିଫ୍ଟ ପଠାନ୍ତି ଘରକୁ ଆଉ କିଏ ହାତ କଟିଦେଲାଣି ଏମିତି ।



**ପ୍ରଶ୍ନ - ଘରେ କାହାକୁ ବେଶି ଭଲ ପାନ୍ତି ଆଉ ଡରନ୍ତି ଅନ୍ତରା ?**

ଉତ୍ତର-ବାପା, ମା ଓ ମୋ ଭାଇ କୁ ବହୁତ ଭଲ ପାଏ ଆଉ ଡରେ ବେସି ବାପା ଙ୍କୁ ।

**ପ୍ରଶ୍ନ - ଜୀବନରେ ସବୁଠୁ ବଡ ସ୍ୱପ୍ନ କଣ ?**

ଉତ୍ତର-ବଡ ସ୍ୱପ୍ନ ହେଲା ବାପା ଆଉ ମା ଙ୍କୁ ଜୀବନ ସାରା ଖୁସି ଦେବା ।

**ପ୍ରଶ୍ନ-ସଙ୍ଗୀତ କୁ ଛାଡି ଆଉ କୋଉ କାମରେ ଆତ୍ମତୃପ୍ତି ପାନ୍ତି ?**

ଉତ୍ତର-ଅଲଗା ଅଲଗା ଭାଷା ଶିଖିବାରେ ଆଉ ରୋଷେଇ କରିବାରେ ।

**ପ୍ରଶ୍ନ- ଅନ୍ତରା ଙ୍କ ଜୀବନ ରେ ଅବସୋସା କଣ ?**

ଉତ୍ତର-ମୁଁ ମୋ କାକା ଙ୍କୁ ହରେଇଛି ଜାନୁଆରୀ ମାସରେ ସେ ମୋ ସହ ରହି ପାରିଲେନି ଜୀବନ ରେ ସେଇଟା ମୋ ଅବସୋସା ।

**ପ୍ରଶ୍ନ- ଅନ୍ତରା କୋଉ କଥାକୁ ବେଶି ଘୃଣା କରନ୍ତି ?**

ଉତ୍ତର- ଯୋଉମାନେ ମିଛ କହନ୍ତି ଗର୍ବ କରନ୍ତି ଅହଂକାର ଦେଖାନ୍ତି ସେସବୁ ଘୃଣା କରେ ।

**ପ୍ରଶ୍ନ-ଅନ୍ତରା ଙ୍କ ଖରାପ ଗୁଣ କଣ ?**

ଉତ୍ତର-ଖରାପ ଗୁଣ ହେଲା ଧର୍ଯ୍ୟ ଟିକେ ମୋର କମ, ବେଳେ ବେଳେ କିଛି କଥାରେ ଅଧର୍ଯ୍ୟ ହେଇଯାଏ ।

**ପ୍ରଶ୍ନ- ଯଦି ପୁର୍ନଜନ୍ମ ଥାଏ ତେବେ ପର ଜନ୍ମରେ ପୁଣି ଅନ୍ତରା ହେବାକୁ ଚ଼ାହିଁବେ ନା ଆଉ କିଛି ?**

ଉତ୍ତର-ଅନ୍ତରା ହିଁ ହେବାକୁ ଚ଼ାହିଁବି ଆଉ କିଛି ନୁହେଁ ।

(ଉପସ୍ଥାପନା- ବୁବୁନ କୁମାର ପଣ୍ଡା), ପର୍ଯ୍ୟବେକ୍ଷକ ପ୍ରତିନିଧି କଟକ ।




Bhubaneswar Saturday September 04, 2021 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୦୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସ୍ପାଇନ୍ କେୟାର ବିଶେଷଜ୍ଞମାନଙ୍କ ପକ୍ଷରୁ ଭାରତ ସରକାରଙ୍କ ଡିଜିଏଚ୍‌ଏସ୍‌ଙ୍କ ତତ୍ତ୍ୱାବଧାନରେ କଟକଠାରେ ପ୍ରଥମ ଜାତୀୟ ଆଘାତ ନିବାରଣ ସପ୍ତାହର ଶୁଭାରମ୍ଭ




କଟକ: ପ୍ରତିବର୍ଷ ହଜାର ହଜାର ଲୋକଙ୍କ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଦି ସ୍ପାଇନାଲ କର୍ଡ ସୋସାଇଟି, ଇଣ୍ଡିଆନ ଅର୍ଥପେଡିକ ଆସୋସିଏସନ (ଆଇଓଇ), ଆସୋସିଏସନ ଅଫ ସ୍ପାଇନ୍ ସର୍ଜନ ଅଫ ଇଣ୍ଡିଆ (ଏଏସ୍‌ଏସ୍‌ଆଇ) ଏବଂ ଇଣ୍ଡିଆନ୍ ସ୍ପାଇନାଲ ଇ୍ୟୁରି ସେଂଟର (ଆଇଏସଆଇସି) ସମେତ ଅନ୍ୟ ୧୦ ଟି ସଂସ୍ଥା ସହ ମିଳିତ ଭାବରେ ତଥା ସାଧାରଣ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ) ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ଏମଓଏଚଏଫଡବ୍ଲ୍ୟୁ)ଙ୍କ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଜାତୀୟ ଆଘାତ ନିବାରଣ ସପ୍ତାହର ଶୁଭାରମ୍ଭ କଟକଠାରେ କରାଯାଇଛି। ଜାତୀୟ ରାଜଧାନୀ ସମେତ ଭାରତର ୧୦ ଟି ସହରରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶିକ୍ଷା, ଅନୁସନ୍ଧାନ ଏବଂ ପ୍ରୋତ୍ସାହନ ମାଧ୍ୟମରେ ଆଘାତ ରୋକିବା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଜାରି ରହିବ।ଏପରି ପ୍ରଥମ ପଦକ୍ଷେପ ଇଣ୍ଡିଆନ ଆସୋସିଏସନ ଅଫ ଫିଜିକାଲ ମେଡିସିନ ଆଣ୍ଡ ରିହାବିଲିଟେଶନ (ଆଇଏପିଏମ୍‌ଆର୍), ଇଣ୍ଡିଆନ ହେଡ ଇ୍ୟୁରି ଫାଉଣ୍ଡେସନ (ଆଇଏଚଆ ଇଏଫ୍), ଚଣ୍ଡିଗଡ଼ ସ୍ପାଇନାଲ ରିହାବ, ଭିନ୍ନକ୍ଷମଙ୍କ ସଙ୍ଗଠନ, ସ୍ପାଇନାଲ ଫାଉଣ୍ଡେସନ, କାରା ମେଡିକାଲ ଫାଉଣ୍ଡେସନ, ସ୍ପାଇନ୍ ୱେଲନେସ ଆଣ୍ଡ୍ କେୟାର ଫାଉଣ୍ଡେସନ, ବି ବ୍ରେଭ୍ ଆଣ୍ଡ ନିନା ଫାଉଣ୍ଡେସନ୍ ପକ୍ଷରୁ ମିଳିତ ଭାବେ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ, କୋଲକାତା, ପୁଣେ, ଲକ୍ଷ୍ନୌ, ହାଇଦ୍ରାବାଦ, ପାଟନା ଏବଂ ଭୋପାଳରେ ଭର୍ଚ୍ୟୁଆଲ୍ ମାଧ୍ୟମ ଆରମ୍ଭ ହୋଇଛି।ଏହି ଅବସରରେ ସ୍ପାଇନାଲ କର୍ଡ ସୋସାଇଟିର ସଭାପତ. ପୂର୍ବତନ ସଭାପତି ଆଇଏସ୍‌ସିଓଏସ୍ ଆଣ୍ଡ୍ ଏଏସ୍‌ଏସ୍‌ଆଇ, ମେଡ଼ିକାଲ ଡାଇରେକ୍ଟର ତଥା ସ୍ପାଇନ୍ ସର୍ଭିସ୍ ମୁଖ୍ୟ, ଭାରତୀୟ ମେରୁଦଣ୍ଡ ଆଘାତ କେନ୍ଦ୍ର, ନୂଆଦିଲ୍ଲୀର ଡ. ଏଚ.ଏସ ଛାବ୍ରା କହିଲେ, ଭାରତରେ ଆହତ ହେବାର ମୁଖ୍ୟ କାରଣ ହେଉଛି ସଡକ ଦୁର୍ଘଟଣା ଏବଂ ତଳେ ପଡ଼ିବା। ଭାରତରେ, ସଡକ ଦୁର୍ଘଟଣାର ୧୮ ରୁ ୩୫ ବର୍ଷ ବୟସ୍କଙ୍କ ମୃତ୍ୟୁ ହାର ୧୦ ପ୍ରତିଶତ ରହିଛି। ୨୦୧୭ ରେ, ଭାରତରେ ସିଟ ବେଲ୍ଟ ବ୍ୟବହାର ନ କରି ୨୬,୮୯୬ ଜଣଙ୍କ ମୃତ୍ୟୁ ଘଟିଥିଲ। ପ୍ରତିରୋଧକାରୀ ପ୍ରୋଗ୍ରାମଗୁଡିକ ଅତ୍ୟଧିକ ବ୍ୟୟବହୁଳ; ପ୍ରତିଷେଧକ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତି ବ୍ୟକ୍ତିଙ୍କ ପାଇଁ ୧୦ ଡଲାର ବିନିଯୋଗ କରିବା ଦ୍ୱାରା ୨ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚରେ ପ୍ରାୟ ୩ ବିଲିୟନ ଡଲାର ସଂଚୟ ହୋଇପାରିବ। ଏହି ଅବସରରେ ଇଣ୍ଡିଆନ୍ ଅର୍ଥପେଡିକ ଆସୋସିଏସନ (ଆଇଓଏ) ର ସଭାପତି ଡ. ବି ଶିବଶଙ୍କର କହିଲେ,ମୃତକଙ୍କ ତୁଳନାରେ ଆହତଙ୍କ ସଂଖ୍ୟା ୧୦ ଗୁଣ ଅଧିକ ଏବଂ ପ୍ରାଥମିକ ପ୍ରତିରୋଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜାତୀୟ ଆଘାତ ନିବାରଣ ସପ୍ତାହ କାର୍ଯ୍ୟକ୍ରମ ଅଧୀନରେ, ପ୍ରମାଣ ଉପଯୋଗୀ ରଣନୀତି ଉପରେ ଆଧାରିତ ଶିକ୍ଷାଗତ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବୃଦ୍ଧି କରାଯିବ।ଏହି ଅବସରରେ ଆସୋସିଏସନ ଅଫ ସ୍ପାଇନ୍ ସର୍ଜନ ଅଫ ଇଣ୍ଡିଆ (ଏଏସଏସଆଇ)ର ସଭାପତି ଡ. ଶଙ୍କର ଆଚାର୍ଯ୍ୟ କହିଲେ, ଯେ କୌଣସି ସ୍ଥାନରେ ଏବଂ କାହା ପାଇଁ ବି ଆଘାତ ହୋଇପାରେ। ସହରରେ ଚଳାଚଳ ପାଇଁ ଆବଶ୍ୟକ ସୁବିଧା ନଥିବାରୁ ଏଭଳି ବୃଦ୍ଧି ପାଇବାରେ ଲାଗିଛି । ସହରରେ ଏକାକୀ ରହୁଥିବା ବୃଦ୍ଧ ଲୋକମାନେ ବିଶେଷ ଭାବରେ ଅସୁରକ୍ଷିତ। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ସୁବିଧାର ଆଭାବ ରହିଛି। ଏକ୍ଷେତ୍ରରେ ସରକାର ପ୍ରି-ହସ୍ପିଟାଲ ଏବଂ ଜରୁରୀକାଳୀନ ସେବାକୁ ଅଧିକ କ୍ରିୟାଶୀଳ କରିବା ଆବଶ୍ୟକ। ନ୍ୟାଶନାଲ କ୍ରାଇମ ରେକର୍ଡସ ବ୍ୟୁରୋ (ଏନସିଆରବି)ର ୨୦୧୯ ରିପୋର୍ଟ ଅନୁସାରେ ଦୁର୍ଘଟଣା ଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟାରେ ଓଡିଶାରେ ୧୬,୪୫୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ସାତ ଦିନିଆ କାର୍ଯ୍ୟକ୍ରମରେ ଆଘାତ, ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିବା ପାଇଁ ସଚେତନତା ମାଧ୍ୟମରେ ପ୍ରୟାସ କରାଯିବ।

## ପୌରସଂସ୍ଥା ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ଓଡିଶୋ ମୌଜାରେ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ଶିଳାନ୍ୟାସ କରାଯାଇଥିଲା। ସେହି ପ୍ଲାଣ୍ଟନିର୍ମାଣକୁ ବିରୋଧ କରି ମୀରପାଟଣା, ଗୌଡଗୋପ, ଓଡିଶୋ ଏବଂ ମେହେମୁଦାବାଦ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ସେଠାରେ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେଲେ ଗ୍ରାମବାସୀଙ୍କ ଅଶେଷ କ୍ଷତିସାଧନ ହେବା ସହିତ ଜୀବନଜୀବିକା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପୌରାଞ୍ଚଳର ୱାର୍ଡ ନମ୍ବର ୭ ଅଧିନରେ ଗୌଡଗୋପ, ମୀରପାଟଣା,ଓଡିଶୋ ଏବଂ ମେହେମୁଦାବାଦ ପ୍ରଭୃତି ଗ୍ରାମ ଗୁଡିକ ରହିଛି। ସେହି ୱାର୍ଡ ଦେଇ ଯାଇଥିବା ରେଲଷ୍ଟେସନ ଓ ଗୋବରୀ କେନାଲକୁ ସଂଯୋଗ କରୁଥିବା ପାଟନାଳି ସଂଲଗ୍ନ ଓଡିଶୋ ମୌଜାରେ ଥିବା ଏକ ଗୋଚର ଜମି ଡ୍ରେନେଜ ନିମନ୍ତେ ବ୍ୟବହାର ହୋଇଆସୁଛି।

## ଦଳିତ ଆଦିବାସୀମାନଙ୍କୁ ନିର୍ଯ୍ୟାତନା ଚରମ ସୀମାରେ



ଭୁବନେଶ୍ୱର :ରାଜ୍ୟର ଦଳିତ ଆଦିବାସୀମାନଙ୍କ ଉପରେ ବଢୁଥିବା ନିର୍ଯ୍ୟାତନ ଚରମସୀମାରେ ପହଂଚିଛି। ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଆଦି କ୍ଷେତ୍ରରେ ମୌଳିକ ଅଧିକାରରୁ ବଂଚିତ ହେଉଥିବାରୁ ଆଜି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦଳିତ ବିରୋଧି ମନୋଭାବର ପ୍ରତିବାଦ ଓ ସମସ୍ୟାର ସମାଧାନ ସଂପର୍କରେ ଆଜି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ପରିବାରକୁ ଜମିପଟ୍ଟା ନମିଳିବାରୁ ସେମାନେ ସରକାରୀ ଯୋଜନା, ଶିକ୍ଷା କ୍ଷେତ୍ରରେ ଛାତ୍ରବୃତି ପାଇବା କ୍ଷେତ୍ରରେ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି। କେନ୍ଦ୍ର ସରକାର ଛାତ୍ରବୃତିକୁ ହ୍ରାସ କରିଥିବାରୁ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଏହାକୁ ତୀବ୍ର ସମାଲୋଚନା କରାଯାଇଛି। ଛାତ୍ରବୃତି ବୃଦ୍ଧି ଓ ତାକୁ ଠିକଣା ସମୟରେ ପ୍ରଦାନ କରିବା। ରାଜ୍ୟରେ ପ୍ରତି ଦଳିତ ଓ ଆଦିବାସୀ ଗ୍ରାମକୁ ସଡ଼କ, ବିଜୁଳି ଏବଂ ପିଇବାର ପାଣି, ପାଇଖାନା ପ୍ରଭୃତି ଯୋଗାଇ ଦେବା। ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ। ସରକାରୀ ସ୍ତରରେ ଖାଲିପଡ଼ିଥିବା ଦଳିତ ଓ ଆଦିବାସୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ପଦପଦବୀରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ନିଯୁକ୍ତି ଦେବା। ଦଳିତ ଓ ଆଦିବାସୀ ନିର୍ଯ୍ୟାତନା ନିବାରଣ ଆଇନ୍‌କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା। ବେସରକାରୀ ଉଦ୍ୟୋଗ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଆଇନ୍‌କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା। ବେସରକାରୀ ଉଦ୍ୟୋଗ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଆଇନକୁ ଲାଗୁ କରିବା। ଉଚ୍ଚଶିକ୍ଷା ନିମନ୍ତେ ଦଳିତ ଓ ଆଦିବାସୀମାନଙ୍କ ପାଇଁ ପର୍ଯ୍ୟାପ୍ତ ହଷ୍ଟେଲ ନିର୍ମାଣ କରିବା। ରାଜ୍ୟରେ ଅନୁସୂଚିତ ଜାତି କମିଶନ ସ୍ଥାପନ କରିବା। ରାଜ୍ୟ ସରକାର ଚିଲିକା ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିବା ପ୍ରଭୃତି ୧୪ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମହାମହିମ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିବା ସହିତ ତାଙ୍କୁ ପ୍ରଦାନ କରାଯାଇଥିଲା।

## କାଁ ଭାଁ ଗଛ ଲଗାଇ ୨ ଲକ୍ଷ ଟଙ୍କା ଚଳୁ



ଚଣ୍ଡିଖୋଲ : ମହାମାରୀ କରନା ଯୋଗୁ ବହୁ ପ୍ରବାସୀ ଓଡ଼ିଆ ମାନେ ଚାକିରୀ ଛାଡି ଘରକୁ ପଳାଇଆସିଥିଲେ .ସେମାନଙ୍କୁ କାମ ଦେବା ପାଇଁ ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସବୁ ପଂଚାୟତରେ ବନିକରଣ କାର୍ଯ୍ୟ ଆରମ୍ଭ କରିଥିଲେ ମାତ୍ର ବଡଚଣାର ବହୁ ପଂଚାୟତରେ ଏହି ବନୀକରଣ ଯୋଜନା ସଠିକ ରୂପେ ନହେଇ ସେବାବଦ ଅର୍ଥକୁ ହଡପ କରାଯାଇଥିବା ଦେଖିବାକୁ ମିଳୁଛି.୨୦୨୦-୨୧ ଆର୍ଥିକ ବର୍ଷରେ ଏହି ବ୍ଲକର ବେଣପୁର ଠାରୁ କୁସୁନପୁର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଯିବାର ବ୍ୟବସ୍ଥା କରାଯାଇଥିଲା .କେବଳ ଗଛ ଲଗା ନୁହିଁ ପରନ୍ତୁ ଗଛଗୁଡ଼ିକର ସୁରକ୍ଷାପାଇଁ ଜାଲିର ମଧ୍ୟ ବ୍ୟବସ୍ଥା ଥିଲା ବେଳେ ଏବେ ଏହି ରାସ୍ତାରେ କେବଳ ଅଳ୍ପ କିଛି ଗଛ ଛଡା ବାକି ଗଛର ପତ୍ତା ଦେଖିବାକୁ ମିଳୁନାହିଁ .କେବଳ ସୁନ୍ଦର କରି ଫଳକଟି ତାର ଶୋଭା ମଣ୍ଡନ କରୁଛି କିନ୍ତୁ ଗଛ ଗୁଡିକ ଉପରେ ଅନାବନା ଗଛ ମାଡିଗଲାଣି ,ସୁରକ୍ଷା ର ତା ଚିହ୍ନ ବର୍ଣ ଦେଖିବାକୁ ମିଳୁନାହିଁ .୨ ଲକ୍ଷ ଟଙ୍କାର ଏହି ଯୋଜନା ଏପରି ଭାବେ ଏହି ଯୋଜନାରେ ଖର୍ଚ ହୋଇଛି ଯାହାକୁ ନେଇ ସାଧାରଣରେ ପଂଚାୟତର ଏଭଳି କାର୍ଯ୍ୟକୁ ନାପସନ୍ଦ କରାଯାଇଛି .ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି .

# ଉଦାସ ଯୋଗାଶ୍ରମ ଠାରେ ବ୍ରହ୍ମ ଏକାକ୍ଷର ମହାଯଜ୍ଞ

ନେଉଳପୁର: ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ପଂଚାୟତସ୍ଥିତ ଗୁଣ୍ଠୁଣି ଖଇରା ଉଦାସ ଯୋଗାଶ୍ରମରେ ମହନ୍ତ ଗୁରୁ ବ୍ରହ୍ମଚାରୀ ଅମରାନନ୍ଦ ଦାସଙ୍କ ତିରୋଧାନ ଉପଲକ୍ଷେ ୨୧ ଦିବସୀୟ ବ୍ରହ୍ମ ଏକାକ୍ଷର ମହାଯଜ୍ଞ ନୂତନ ମହନ୍ତ ବ୍ରହ୍ମଚାରୀ ଉଦୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଉଅଛି । ସଂଯୋଗ ଯୋଗୀ ବ୍ରହ୍ମଚାରୀ ଶ୍ରୀଶ୍ରୀଶ୍ରୀ ଉଦାସ ଯମୁନା ଦାସ ଉକ୍ତ ଆଶ୍ରମର ପ୍ରତିଷ୍ଠାତା ଅଟନ୍ତି । ଶୂନ୍ୟବାଦୀ ସାଧୁ ଓଡିଶା ଭୂଖର୍ଣ୍ଡରେ ବହୁ ଏକାକ୍ଷର ଯଜ୍ଞ ସୃଷ୍ଟି କରିଛନ୍ତି । ସାରା ଓଡଶାର ବିଭିନ୍ନ ସ୍ଥାନରେ ୪୦ରୁ ଉର୍ଦ୍ଧ ବ୍ରହ୍ମ ଏକାକ୍ଷର ଯଜ୍ଞ କରିବା ସହିତ ୪୦ରୁ ଉର୍ଦ୍ଧ ଦର୍ଶନ ତତ୍ତ୍ୱ ସମ୍ବଳିତ ପୁସ୍ତକ ରଚନା କରିଛନ୍ତି । ୧୯୮୯ ମସିହା ଡିସେମ୍ବର ମାସରେ ତାଙ୍କର ପରଲୋକ ପରେ ଆଶ୍ରମର ମହନ୍ତ ଭାବେ ପଟ୍ଟ ଶିଷ୍ୟ ବ୍ରହ୍ମଚାରୀ ଅମରାନନ୍ଦ ଦାସ,ମଠର ମହନ୍ତ ରୂପେ ସାଧୁ ପରମ୍ପରା ଅନୁସାରେ ମଠର ଉତରାଧିକାରୀ ଥିଲେ । ସେ ଯୋଗାଶ୍ରମର ଭୋଗ ମଣ୍ଡପ,ସଖି ମନ୍ଦିର,ଯଜ୍ଞ ମଣ୍ଡପ,ଭକ୍ତସନ୍ଥମାନଙ୍କ ରହିବା ପାଇଁ ଦ୍ୱିତଳ ବିଶିଷ୍ଟ ବିଶ୍ରାମ ଘର ,ପାନୀୟଜଳସୁବିଧା ପାଇଁ ପାଣି ଟାଙ୍କି,ଆଶ୍ରମର ପାଚେରୀ,ଅଭିଷେକ ମଣ୍ଡପ,ଦୟାବିନୟ ମୂର୍ତ୍ତୀ,ଗରୁଡସ୍ତମ୍ଭ,ସହ ମଠର ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି । ଗତ ଅଗଷ୍ଟ ମାସ ୨୦ ତାରିଖରେ ବ୍ରହ୍ମଚାରୀଙ୍କ ଦେହାନ୍ତ ହୋଇଥିଲା । ଭୁବନେଶ୍ୱର ମେଡିକାଲରୁ ଶବାଧାର ସହ ବହୁ ଉଦାସପନ୍ଥି ଭକ୍ତ ଏକ ଶୋଭାଯାତ୍ରାରେ ଆଶ୍ରମ ପରିସରକୁ ଆଣି ସମାଧିସ୍ଥ କରିଥିଲେ । ସାଧୁ ପରମ୍ପରା ଅନୁଯାୟୀ ବାବା ଅମରାନନ୍ଦଙ୍କର ପଟ୍ଟଶିଷ୍ୟ ବ୍ରହ୍ମଚାରୀ ଉଦୟ ଦାସଙ୍କୁ ମଠର ବରିଷ୍ଠ ଶିଷ୍ୟ ହିସାବରେ ବରିଷ୍ଠ ବ୍ରହ୍ମଚାରୀ ଅନନ୍ତ ଦାସ ମହନ୍ତ ଉଦୟ ଦାସଙ୍କ ମସ୍ତକରେ ସିରପା ମଣ୍ଡନ କରି ଅଭିଷେକ କରାଇଥିଲେ । ନୂତନ ମହନ୍ତ ବ୍ରହ୍ମଚାରୀ ଉଦୟ ଦାସଙ୍କ ଆଦେଶ ମତେ ଗୁରୁ ବ୍ରହ୍ମଚାରୀ ଅମରାନନ୍ଦଦାସଙ୍କ ପାର୍ଥିବ ଶରୀରକୁ ସମାଧିସ୍ଥ କରାଗଲା । ତା ପର ଠାରୁ ବ୍ରହ୍ମଚାରୀ ଉଦୟ ଦାସ ସାଧୁ ପରମ୍ପରା ଅନୁଯାୟୀ କାର୍ଯ୍ୟ ସବୁ କରୁଛନ୍ତି ବୋଲି ବରିଷ୍ଠ ଶିଷ୍ୟ ଘନଶ୍ୟାମା ଦାସ,ଗଣେଶ୍ୱର ପରିଡା ,ଧିରେନ୍ଦ୍ର ନାଥ ନାୟକ,କୁମଳଣି ସାହୁ,ଅନନ୍ତ ଚରଣ ଦାସ,ଜଗନ୍ନାଥ ସ୍ୱାଇଁ,ଦୁଶାସନ ବାରିକ,ନୃସିଂହ ଚରଣ ଦାସ ପ୍ରମୁଖ ପ୍ରକାଶ କରିଛନନ୍ତି । ବାବା ଅମରାନନ୍ଦ ଦାସଙ୍କ ତିରୋଧାନ ଉପଲକ୍ଷେ ୨୦ ତାରିଖଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ୨୧ ଦିବସୀୟ ବ୍ରହ୍ମ ଏକାକ୍ଷର ମହାଯଜ୍ଞ ମହନ୍ତ ବ୍ରହ୍ମଚାରୀ ଉଦୟ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ୭ ତାରିଖରେ ସାଧୁସନ୍ଥ ମେଳା ଓ ୯ ତାରିଖରେ ବ୍ରହ୍ମ ଏକାକ୍ଷର ଯଜ୍ଞର ପୁର୍ଣ୍ଣାହୁତି ପ୍ରଦାନ କରାଯିବ ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର : ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ୨୦୦୮ ପରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରାଯିବା, ଜିଆଇଏ ମାନ୍ୟତା ଦେବା, ମହିଳା ମହାବିଦ୍ୟାଳୟ ଓ ଅନଗ୍ରସର ଜିଲ୍ଲାର ମହାବିଦ୍ୟାଳୟକୁ ଜିଆଇଏ ପରିସର ଭୁକ୍ତ ପାଇଁ ୨ ବର୍ଷ ଅଧିକ ସମୟ ସୀମା ବୃଦ୍ଧି କରାଯିବା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଅନୁଦାନ ପରିସର ଭୁକ୍ତ କରାଯିବା ଦାବିରେ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର, ତାପସ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପାତ୍ର ପ୍ରମୁଖ ଦାବି ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ପୂର୍ଣ୍ଣଚନ୍ଦ୍ରପୁର ଅଗ୍ନିକାଣ୍ଡ ଘଟଣା, ପ୍ରେସ କ୍ଲବ ଚଣ୍ଡିଖୋଲ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ଆର୍ଥିକ ସହାୟତା



ଚଣ୍ଡିଖୋଲ : ବଡ଼ଚଣା ବ୍ଲକ ସମୀୟା ପଂଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ୨୨ ତାରିଖ ଦିନ ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ଭାଉଜ ଓ ଦିଅରଙ୍କର ମୃର୍ତ୍ୟୁ ଘଟିଥିଲା.ବିପନ୍ନ ପରିବାର ଲୋକମାନେ ନିକଟସ୍ଥ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ପରିବାରର ଆର୍ଥିକ ଅବସ୍ଥା ଖରାପ ଥିବାରୁ ଆଜି ଚଣ୍ଡିଖୋଲ ପ୍ରେସ କ୍ଲବ ର ସଭ୍ୟ ମାନେ ତାଙ୍କ ଘରେ ପହଂଚି ଆର୍ଥିକ ସହାୟତା କରିଥିବା ଜଣାଯାଇଛି.ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ,ମୋହନ ଖିଲାର,ସମରେନ୍ଦ୍ର ମାହାଲା,ଅଭିମନ୍ୟୁ ଧଳ,ପ୍ରସନ୍ନ ବିଶ୍ୱାଳ ଓ ସେକ ସବୀରୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray